
ଦକ୍ଷିଣ ଦ୍ୱାର ହନୁମାନଙ୍କ ନାଗାବେଶ।


ସତ୍ୟ ମହାବୀରଙ୍କ ନାଗାବେଶ।


ପୁରୀ ମାଟିମଣ୍ଡପ ସାହି ଆଖଡ଼ାର ମହାବୀରଙ୍କୁ ନାଗା ବେଶରେ ସଜାଯାଉଛି।


ମଙ୍ଗଳବାର ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କ ଆଭାରେ ଆକାଶ ନାଲି ହୋଇଯାଇଛି।




୧୪।୪।୨୦୨୬

| ୬,୮୬,୦୫୪ ଟଙ୍କା | |
|---|---|
| ସୁନା | ୧୬୧.୭୦୦ ଗ୍ରାମ୍ |
| ରୁପା | ୫୧.୧୦୦ ଗ୍ରାମ୍ |

# ମହାବୀରଙ୍କ ନିକଟକୁ ଗଲା ଆଜ୍ଞାମାଳ

**ପୁରୀ,୧୪।୪(ଅଜିତ୍ କୁମାର ମହାନ୍ତି)**

ମହାବିଷୁବ ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ହନୁମାନ ଜୟନ୍ତୀ ଉପଲକ୍ଷେ ଶ୍ରୀମନ୍ଦିରୁ ଆଜ୍ଞାମାଳ ଶ୍ରୀମନ୍ଦିର ନୀତିକାନ୍ତି ସହ ଜଡ଼ିତ ଥିବା ମହାବୀର ମନ୍ଦିରକୁ ବିଜେ କରିବା ସହ ଶ୍ରୀମନ୍ଦିରରୁ ମହାବୀରଙ୍କ ଚଳନ୍ତି ପ୍ରତିମା ଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ସେଠାରେ ସ୍ୱତନ୍ତ୍ର ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମଙ୍ଗଳବାର ଶ୍ରୀବିଗ୍ରହଙ୍କ ସକାଳଧୂପ ସମ୍ପନ୍ନ ହେବା ପରେ ମହାଜନ ସେବକମାନେ ଭଣ୍ଡାର ମହାବୀରଙ୍କ ଚଳିନ୍ତି ପ୍ରତିମାଙ୍କୁ ଭିତରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ମହାବୀର ପାଲିଙ୍କିକୁ ବିଜେ ହୋଇଥିଲେ। ପରେ ଶ୍ରୀମନ୍ଦିର ପରିସରରେ ଥିବା ମହାବୀର ଏବଂ ଶ୍ରୀମନ୍ଦିର ସହ ଜଡ଼ିତ ଥିବା ମହାବୀରଙ୍କୁ ଲାଗି ହେବା ପାଇଁ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ହାତରେ ଧରି ବିଜେ କରାଇଥିଲେ। ଘଣ୍ଟ, ଛତା, କାହାଳୀ ସହ ପୂଜାପଣ୍ଡା ସାମନ୍ତ ପୂର୍ବଦ୍ୱାରରେ ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ମହାବୀର, ଉପବନରେ ଥିବା ମହାବୀର ଏବଂ ଉତ୍ତର ଦ୍ୱାର ମହାବୀର ଓ ଦକ୍ଷିଣଦ୍ୱାର ମହାବୀର ବାରବାହୀ ହନୁମାନ, ସିଂହଦ୍ୱାର ମହାବୀରଙ୍କୁ ଆଜ୍ଞାମାଳ


ହନୁମାନଙ୍କ ଜୟନ୍ତୀ ପାଳନ ପାଇଁ ଶ୍ରୀହନୁମାନ ଶ୍ରୀମନ୍ଦିରରୁ ଜଗନ୍ନାଥବଲ୍ଲଭକୁ ଯାଉଛନ୍ତି।

ପ୍ରଦାନ କରାଯିବା ସହ ପଣ୍ଡିଭୋଗ ଲାଗି କରାଯାଇଥିଲା। ମହାପ୍ରଭୁଙ୍କ ଆଜ୍ଞାମାଳ ଜଗନ୍ନାଥବଲ୍ଲଭ ମଠକୁ ଯାଇ ମଠ ପରିସରରେ ଥିବା ବଡ଼ ମହାବୀର ନାମରେ ପ୍ରସିଦ୍ଧ ସୁଗ୍ରୀବ ମହାରାଜଙ୍କ ନିକଟରେ ପହଞ୍ଚିଥିଲା। ଶ୍ରୀମନ୍ଦିର ପୂଜାପଣ୍ଡା ସୁଗ୍ରୀବ ମହାରାଜାଙ୍କୁ କାନ୍ତି ଓ ଶିରୂପା ସମର୍ପଣ କରିବା ପରେ ଆଜ୍ଞାମାଳ ଲାଗି କରିଥିଲେ। ମଠ ପରିସରରେ ଥିବା ଗୁମ୍ପା ମହାବୀରଙ୍କ ପାଖକୁ ଆଜ୍ଞାମାଳ ଯାଇଥିଲା। ଗୁମ୍ପା ମହାବୀର ଯିଏ ମନ୍ତ୍ରୀ ଜାମ୍ବବାନ ରୂପେ ପ୍ରସିଦ୍ଧ। ସେଠାରେ ନୀତି ସରିବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳର କିଛି ଅଂଶ ଗୁମ୍ପା ମହାବୀରଙ୍କୁ ଲାଗି କରାଯାଇଥିଲା। ପରେ ଆଜ୍ଞାମାଳ ମଠ ପରିସରରେ ଗୁଆବାରୀ ମହାବୀର ରୂପେ ଲୋକପ୍ରସିଦ୍ଧି ଲାଭ କରିଥିବା ଶ୍ରୀହନୁମାନଙ୍କ ପାଖକୁ ଯାଇଥିଲା। ଏଠାରେ ପୂଜାନୀତି ସରିବା ପରେ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳର କିଛି ଅଂଶ ଶ୍ରୀହନୁମାନଙ୍କୁ ଲାଗି କରିଥିଲେ। ସେହିପରି ଆଜ୍ଞାମାଳ ପୋଖରିଆସ୍ଥିତ ମହାବୀରଙ୍କ ପାଖକୁ ଯାଇଥିଲା। ଏଠାରେ

### ବିଷୁବ ସଂକ୍ରାନ୍ତିରେ ଶ୍ରୀମନ୍ଦିରରେ ବିଶେଷ ନୀତି

ନୀତି ହେବା ପରେ ଆଜ୍ଞାମାଳର କିଛି ଅଂଶ ଲାଗି କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କଠାରୁ ଆସିଥିବା ଅବଶିଷ୍ଟ ଆଜ୍ଞାମାଳ ସହ ପୂଜାପଣ୍ଡା ସାମନ୍ତ ଓ ଅନ୍ୟ ସେବାୟତମାନେ ଚକ୍ରତୀର୍ଥ ଅଞ୍ଚଳରେ ବିଜେ କରିଥିବା ବେଢ଼ି ହନୁମାନଙ୍କ ନିକଟକୁ ଯାଇଥିଲେ। ଅବଶିଷ୍ଟ ଆଜ୍ଞାମାଳକୁ ବେଢ଼ି ହନୁମାନଙ୍କୁ ଲାଗିହେବା ସହ ଭୋଗ କରାଯାଇଥିଲା। ସେଠାରୁ ସେବାୟତମାନେ ପୁନଃ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ଆସିଥିଲେ। ଅପରପକ୍ଷରେ ଶ୍ରୀଜଗନ୍ନାଥବଲ୍ଲଭକୁ ମହାବୀରଙ୍କ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରର ଭଣ୍ଡାର ମହାବୀର ପାଲିଙ୍କିରେ ଆସି ବିଜେ କରିଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ପଟୁଆର ମଠକୁ ଫେରିବା ବେଳକୁ ଭଣ୍ଡାର ମହାବୀର ଅପେକ୍ଷା କରିଥାନ୍ତି। ପୂଜାପଣ୍ଡା ସେବକ ମହାବୀରଙ୍କ ଚଳନ୍ତି ପ୍ରତିମାଙ୍କୁ ପ୍ରସାଦ ଲାଗି ସହ ଭୋଗ କରାଯାଇଥିଲା। ବନ୍ଦାପନା ସରିବା ପରେ ଭଣ୍ଡାର ମହାବୀର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଏଥିସହ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# ବାଇକ୍‌କୁ ପିଟିଲା କ୍ଷୀର ବୋଝେଇ ଟ୍ୟାଙ୍କର

### ଜଣେ ବାଇକ୍ ଆରୋହୀ ମୃତ, ଅନ୍ୟ ଜଣେ ଗୁରୁତର

**ନିମାପଡ଼ା,୧୪।୪(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ନିକଟସ୍ଥ ଗୋଲେଇ ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କ୍ଷୀର ବୋଝେଇ ଟ୍ୟାଙ୍କର କୁଶଭଦ୍ରା ବ୍ରିଜ୍ ଗଡ଼ାଣି ଗୋଲେଇ ଛକଠାରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍‌କୁ ପିଟିଦେବାରୁ ୨ ବାଇକ୍ ଆରୋହୀ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ନିମାପଡ଼ା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜଣେ ବାଇକ୍ ଆରୋହୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଜଣେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ସର୍ବାପଡ଼ା ଗ୍ରାମର କାଳନ୍ଦୀ ପ୍ରଧାନ(୫୬), ଗୁରୁତର ହେଲେ ନିମାପଡ଼ା ବଡ଼ବଜାରର କୃଷ୍ଣଚନ୍ଦ୍ର ବେହେରା (୫୧)। କୃଷ୍ଣଚନ୍ଦ୍ରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ନିମାପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କ୍ଷୀର ବୋଝେଇ ଟ୍ୟାଙ୍କର ଓ ବାଇକ୍ ଜବତ କରିଥିବା ବେଳେ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ୍‌କୁ ପଠାଇଛି। ତାମିଲନାଡୁ ଅଞ୍ଚଳର ଗାଡ଼ି ଚାଳକଙ୍କୁ ଥାନାରେ ଅଟକ ରଖିଛି। ଏ ସମ୍ପର୍କରେ ମୃତ କାଳନ୍ଦୀ ପ୍ରଧାନଙ୍କ ପୁଅ ରାଜେଶ ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏ ସମ୍ପର୍କରେ କେସ୍ ନଂ ୧୦୬/୨୬ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ମୃତ କାଳନ୍ଦୀ ନିମାପଡ଼ା ଛକର ଜଣେ ଜଣାଶୁଣା ପରିବା ବ୍ୟବସାୟୀ। କାଳନ୍ଦୀଙ୍କ ଏହି ଅକାଳ ବିୟୋଗ ପାଇଁ ସର୍ବାପଡ଼ା ଗ୍ରାମରେ ଓ ନିମାପଡ଼ା ଦୋଳବେଦୀ ଛକ ଓ ପରିବା ମାର୍କେଟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଗଣ୍ଡଗୋଳକାରୀଙ୍କୁ ଧରିବାକୁ ଯାଇ ପୋଲିସ ହଟହଟା

- ଏସ୍ଆଇ, ଦୁଇ କନ୍‌ଷ୍ଟେବଲ ଆହତ

**ନିମାପଡ଼ା,୧୪।୪(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ଅନ୍ତର୍ଗତ ଜଇନାବାଦ ଗ୍ରାମ କୁଶଭଦ୍ରା ନଦୀବନ୍ଧଠାରେ ସୋମବାର ରାତିରେ ଗଣ୍ଡଗୋଳକାରୀଙ୍କୁ ଧରିବାକୁ ଯାଇ ନିମାପଡ଼ା ଥାନା ପୋଲିସକୁ ହଟହଟା ହେବାକୁ ପଡ଼ିଛି। ଗଣ୍ଡଗୋଳକାରୀଙ୍କ ସଂଘବଦ୍ଧ ମାଡ଼, କାମୁଡ଼ାରେ ଜଣେ ଏଏସ୍ଆଇଙ୍କ ସମେତ ୩ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଆହତମାନେ ହେଲେ ଏଏସ୍ଆଇ ଲକ୍ଷ୍ମୀକାନ୍ତ ମହାନ୍ତି ଓ କନ୍‌ଷ୍ଟେବଲ ସ୍ୱାଧୀନ ପାତ୍ର, ବିଜୟ କୁମାର ସ୍ୱାଇଁ। ଆହତ ପୋଲିସ କର୍ମଚାରୀମାନେ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଏ ସମ୍ପର୍କରେ ଆହତ ଏଏସ୍ଆଇ ଲକ୍ଷ୍ମୀକାନ୍ତ ୪ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ ଅତି ସଙ୍ଗିନ ଦଫାରେ କେସ୍ ନମ୍ବର ୧୦୫/୨୬ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏହି ମାମଲାରେ ସମ୍ପୃକ୍ତ ଜଣେ ମୁଖ୍ୟ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଆକ୍ରମଣକାରୀ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଜଇନାବାଦ ଗ୍ରାମର କାହ୍ନୁଚରଣ ସାହୁ। କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କୁ ଆକ୍ରମଣକାରୀଙ୍କ ଏଭଳି ହୀନ କାର୍ଯ୍ୟକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି।



ନାରୀ ଶକ୍ତି ବନ୍ଦନା କାର୍ଯ୍ୟକ୍ରମ ଅବସରରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ଜିଲାପରିଷଦ ସଭ୍ୟ ଭୀମସେନ ବିଜେଡିରୁ ନିଲମ୍ବିତ

**କଣାସ,୧୪।୪(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ୍ ୪ନଂ. ଜିଲା ପରିଷଦ ଜୋନ୍‌ର ସଦସ୍ୟ ଭୀମସେନ ପାଇକରାୟଙ୍କୁ ବିଜେଡି ଦଳରୁ ନିଲମ୍ବିତ କରିଛି। ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ସମ୍ପାଦକ ବିଜୟ ନାୟକ ଏହି ଆଦେଶ ଜାରି କରିଛନ୍ତି। ଭୀମସେନ୍ ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡି ଟିକଟରେ ଲଢ଼ି ୨୦୦ ଭୋଟରେ ବିଜୟୀ ହୋଇଥିଲେ। ସାଧାରଣ ନିର୍ବାଚନ ପରେ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଭୀମସେନ୍‌ଙ୍କ ଭିତରେ ସୁସମ୍ପର୍କ ରହି ନ ଥିଲା। ଭୀମସେନ୍ ଦଳ ବିରୋଧୀ କାମ କରୁଥିବା ଉମା ହାଇକମାଣ୍ଡଙ୍କୁ ଜଣାଇଥିଲେ। ଏହାପରେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି ।

# ଓଡ଼ିଆ ନବବର୍ଷ ପାଳିଲେ ଜାପାନୀ ପର୍ଯ୍ୟଟକ

**ପୁରୀ,୧୪।୪(ଅଜିତ୍ କୁମାର ମହାନ୍ତି)**

ପବିତ୍ର ମହାବିଷୁବ ସଂକ୍ରାନ୍ତି, ମହାବୀର ଜୟନ୍ତୀ ଓ ଓଡ଼ିଆ ନବବର୍ଷକୁ ଭିନ୍ନ ଢଙ୍ଗରେ ପାଳନ କରିଛନ୍ତି ଜାପାନୀ ପର୍ଯ୍ୟଟକ। ମହିଳା ପର୍ଯ୍ୟଟକ ମାୟୁ କାମେଇ ନିଜକୁ ଓଡ଼ିଆ ମହିଳାଙ୍କ ଭଳି ଲୁଗା ପରିଧାନ କରି ବିଭିନ୍ନ ରଙ୍ଗର ମୁରୁଜରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ମହାବୀରଙ୍କ ଚିତ୍ର ଅଙ୍କନ କରିଥିଲେ। ଏସମ୍ପର୍କରେ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ଆଜିର ଦିନକୁ ସମଗ୍ର ଓଡ଼ିଶାରେ ଘରେ ଘରେ ପାଳନ କରିଥାନ୍ତି। ଆଜି ମହାପ୍ରଭୁ ଓ ମହାବୀରଙ୍କୁ ବର୍ଷର ପ୍ରଥମ ଦିନରେ ଦର୍ଶନ କଲେ ବର୍ଷତମାମ ନିଜ ସହ ପରିବାର ସଦସ୍ୟଙ୍କ ସମୟ ଖୁସିରେ ଅତିବାହିତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

# ଗୋପ ଥାନାରୁ ଖସିଲା ପ୍ଲାଷ୍ଟର, ବର୍ତ୍ତିଲେ ଅଭିଯୋଗକାରୀ



**ଗୋପ,୧୪।୪(ଭାରତୀ ଭୂଷଣ ଉପାଧ୍ୟାୟ)**

ସ୍ୱାଧୀନତା ପୂର୍ବରୁ ଗୋପ ଥାନା ସ୍ଥାପିତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହି ଥାନା ପ୍ରତି କୌଣସି ସରକାର ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଗୋପ ଥାନା ଏବେ ଦୁର୍ଦ୍ଦିନରେ ରହିଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଥାନା ବିଲ୍ଡିଂର ସମ୍ମୁଖ ଛାତରୁ ପ୍ଲାଷ୍ଟର ଖସିଛି। ଏହି ପ୍ଲାଷ୍ଟର ଖସିବା ସମୟରେ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଜଣେ ଅଭିଯୋଗକାରୀ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୧୮୦୬ ମସିହାରେ ଗୋପ ଥାନା ପ୍ରତିଷ୍ଠା ହୋଇଥିବା ବେଳେ ବ୍ରିଟିଶ ଶାସନ ଚାଲିଥିଲା। ସେହି ସମୟରୁ ୨୦୦୮ ମସିହା ପର୍ଯ୍ୟନ୍ତ ଏହି ଥାନାକୁ କେବଳ ମରାମତି କରାଯାଇ ଚଳା ଯାଉଥିଲା। ରାଜ୍ୟ ସରକାର ୨୦୦୮ ମସିହାରେ ନୂତନ ଥାନା ଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଏବେ ଅସୁରକ୍ଷିତ ହୋଇପଡ଼ିଛି। ତତ୍‌ସହିତ ଏହି ଗୋପ ଥାନା ଅଧୀନରେ ୨୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଓ ୫ ଶହରୁ ଊର୍ଦ୍ଧ୍ୱ ଗାଁ ରହିଛି। ଦୈନନ୍ଦିନ ୪୦/୫୦ରୁ ଅଧିକ ଅଭିଯୋଗ ଆସୁଥିବା ବେଳେ ଥାନାରେ ଆବଶ୍ୟକତା ଅନୁସାରେ ଅଫିସରଙ୍କ ସହିତ କର୍ମଚାରୀ ନାହାନ୍ତି। ତୁରନ୍ତ ରାଜ୍ୟ ସରକାର ଏହି ଥାନା ଉପରେ ଗୁରୁତ୍ୱ ଦେବା ସହ ନୂତନ ଗୃହ ନିର୍ମାଣ ଓ ଆବଶ୍ୟକ ଅନୁଯାୟୀ କର୍ମଚାରୀ ଯୋଗାଇଦେବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି, ପ୍ଲାଷ୍ଟର ଖସିଛି। କାଲି ଆମେ ମଧ୍ୟ ମରାମତି କରିବୁ। ନୂତନ ଗୃହ ନିର୍ମାଣ ତ ସରକାର କରିବେ ବୋଲି କହିଛନ୍ତି।

# ଓଡ଼ିଆ ନବବର୍ଷ ଉପଲକ୍ଷେ ସମୀରଙ୍କ ବାଇକ ଶୋଭାଯାତ୍ରା

**ଚାରିଛକ,୧୪।୪(ଶିଶିର କୁମାର ସ୍ୱାଇଁ)**

ଓଡ଼ିଆ ନବବର୍ଷ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଗୋପ ନିର୍ବାଚନମଣ୍ଡଳୀର ହଜାର ହଜାର କର୍ମୀ ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡ ଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ଆସି ଚାରିଛକ ବିଶିମାତ୍ରି ଛକ ମହାବୀରଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ। ଚାରିଛକ ଜୋନ୍ ୭ଟି ପଞ୍ଚାୟତର ହଜାର ହଜାର କର୍ମୀ ତାଙ୍କ ସହିତ ସାମିଲ ହେବା ପରେ ସେଠାରୁ ଏକ ପଦଯାତ୍ରାରେ ବାହାରି ଚାରିଛକ ବଜାରରେ ଥିବା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ଓଡ଼ିଶାବାସୀ ଓ ନିମାପଡ଼ା-ଗୋପ ବାସୀଙ୍କୁ ଓଡ଼ିଆ ନବବର୍ଷର ଅଭିନନ୍ଦନ ଜଣାଇବା ପରେ ଆମେ ୨୦୨୪ ସାଧାରଣ ନିର୍ବାଚନ ପରେ ଯେଉଁ ସଂକଳ୍ପ ନିଆଯାଇଥିଲା, ଆସନ୍ତା ୨୦୨୭ ପଞ୍ଚାୟତ ନିର୍ବାଚନରେ ଏହି ସଂକଳ୍ପର କିପରି ପୁନରାବୃତ୍ତି ହେବ ସେନେଇ ଆଜି ତାଙ୍କର କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ସମୀର ଦାସଙ୍କ ନେତୃତ୍ୱରେ ଭାଜପା କିପରି ନିମାପଡ଼ା-ଗୋପ ପଞ୍ଚାୟତ ସମିତି ଦଖଲ କରିବା ସହିତ ପ୍ରତ୍ୟେକ ପଞ୍ଚାୟତରେ ଭାଜପା ପ୍ରାର୍ଥୀ ଜିତିବେ ସମସ୍ତେ ଚେଷ୍ଟା ଜାରି ରଖିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଶୋଭାଯାତ୍ରାରେ ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ବରିଷ୍ଠ ନେତୃତ୍ୱ ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଅଭିମନ୍ୟୁ ପଣ୍ଡା, ପ୍ରଶାନ୍ତ ବେହେରା, ମହେନ୍ଦ୍ର ମହାପାତ୍ର, ସସ୍ମିତା ପାତ୍ର, ସୂର୍ଯ୍ୟ ନାରାୟଣ ପରିଡ଼ାଙ୍କ ସମେତ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।


ଓଡ଼ିଆ ନବବର୍ଷ ମହାବିଷୁବ ସଂକ୍ରାନ୍ତି ଅବସରରେ ବିଶାଳ ଶୋଭାଯାତ୍ରାରେ ଭାଜପା କର୍ମୀଙ୍କ ଗହଣରେ ଭାଜପା ରାଜ୍ୟ ମୁଖପାତ୍ର ସମୀର ଦାଶ।

# ଆମ୍ବେଡକର ଥିଲେ ସମାନତାର ପ୍ରତୀକ

### ଜିଲାସ୍ତରୀୟ ଆମ୍ବେଡକର ଜୟନ୍ତୀ

**ପୁରୀ,୧୪।୪(ଅଜିତ୍ କୁମାର ମହାନ୍ତି)**

ବାବାସାହେବ ଡ. ଭୀମ ରାଓ ରାମଜୀ ଆମ୍ବେଡକରଙ୍କ ଜିଲାସ୍ତରୀୟ ଜୟନ୍ତୀ ମଙ୍ଗଳବାର ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ସମ୍ବିଧାନ ପ୍ରଣେତା ଆମ୍ବେଡକର ଚିରସ୍ମରଣୀୟ। ସେତେବେଳର ଅବସ୍ଥା ମଧ୍ୟରେ ଗୋଟିଏ ଦଳିତ, ଗରିବ ପରିବାରରୁ ଆସି ନିଜର ଶିକ୍ଷାପ୍ରତି ଉତ୍ସର୍ଗୀକୃତ ସମର୍ପଣ ଓ ସଂଘର୍ଷ ପାଇଁ ଆମ୍ବେଡକର ସଫଳତା ପାଇଥିଲେ। ସାମାଜିକ ନ୍ୟାୟ, ସମାନତା, ଅସ୍ପୃଶ୍ୟତା ଦୂର କରି ଏକ ସମୃଦ୍ଧ ସମାଜ ଗଠନର ସୁଫଳ ଆଜି ସମାଜର ସର୍ବୋଚ୍ଚ ସ୍ଥାନରେ ମହିଳା, ଦଳିତ ଶ୍ରେଣୀର ବ୍ୟକ୍ତିଙ୍କର ଉପସ୍ଥିତିକୁ ଦେଖିଲେ ସ୍ୱତଃ ବାରି ହୋଇପଡ଼େ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ରାଜକିଶୋର ଜେନା ଯୋଗଦେଇ ସମ୍ବିଧାନ ସମସ୍ତଙ୍କ ପାଇଁ ଉପଯୁକ୍ତ ବିଚାର ରଖିଥାଏ। ଏହାକୁ ଯେପରି ଅତ୍ୟନ୍ତ ଅନୁଶୀଳନ ଭାବେ ଡ. ଆମ୍ବେଡକର ପ୍ରସ୍ତୁତ କରିଥିଲେ ତାହା ସମଗ୍ର ବିଶ୍ୱରେ ଅନନ୍ୟ ଓ ବିରଳ। ଜିଲା ମଙ୍ଗଳ ଅଧିକାରୀ ମମତା ରାଣୀ ପରିଡ଼ା ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରି ଦଳିତ, ଭିନ୍ନକ୍ଷମ, ମହିଳା ଇତ୍ୟାଦିଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଓ ଆଇନରେ ଉପଯୁକ୍ତ ବ୍ୟବସ୍ଥା ଡ. ଆମ୍ବେଡକରଙ୍କର ସବୁଠାରୁ ବଡ଼ ଉପଲବ୍ଧି ରହିଥିଲା ବୋଲି ସେ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ଆମ୍ବେଡକର କେବଳ ଆମ ସମ୍ବିଧାନ ପ୍ରଣେତା ନୁହନ୍ତି ସେ ଆମ ଜାତୀୟ ଚେତନା, ଆଇନ ଓ ଅଧିକାରର ସୁରକ୍ଷା ଏବଂ ସମାନତାର ପ୍ରତୀକ ବୋଲି କହିଥିଲେ। ପୂର୍ବରୁ ଅନୁଷ୍ଠିତ ସରକାରୀ କର୍ମଚାରୀଙ୍କ ମଧ୍ୟରେ ପ୍ରଶାସନିକ ଭାଷା ଜ୍ଞାନ ଓ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ରମାନେ।

**ପିପିଲି, (ପ୍ରଭାତ କୁମାର ମହାପାତ୍ର/ ଦୁର୍ଗାମାଧବ ମିଶ୍ର):** ସମ୍ବିଧାନ ପ୍ରଣେତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପିପିଲି ବାଇପାସ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ ହୋଇଯାଇଛି। ଅଲ୍ ଇଣ୍ଡିଆ ମୂଳ ନିବାସୀ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଯୁବନେତା ପ୍ରକାଶ ଧଳ, ଆର୍ତ୍ତବନ୍ଧୁ ସାମନ୍ତରାୟଙ୍କ ସହ ଖ୍ରୀଷ୍ଟିଆନ ମୋର୍ଚ୍ଚା ସଭାପତି ଆଶିଷ ଦାସ, ସ୍ଥାନୀୟ ମୁସଲିମ ସମ୍ପ୍ରଦାୟର ସଭାପତି, ସମ୍ପାଦକ ପ୍ରମୁଖ ଯୋଗଦେଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆମ୍ବେଡକର ଅମର ରହେ ସ୍ଲୋଗାନ ସହ ଏଭଳି ଜଣେ ମହାନ୍ ପୁରୁଷଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହେବାକୁ ସମସ୍ତେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ସଂଗଠନର ରାଜ୍ୟ ସଭାପତି ବିଜୟ କୁମାର ସେଠୀଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ଏଥିରେ ବିଭିନ୍ନ ଅଞ୍ଚଳରୁ ଶତାଧିକ କାର୍ଯ୍ୟକର୍ତ୍ତା ମହିଳା ପୁରୁଷମାନେ ସାମିଲ ହୋଇଥିଲେ। ଶେଷରେ ଏକ ବାଇକ ରାଲିରେ ଆମ୍ବେଡକରଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ ସହ ପିପିଲି ଓ ଦାଣ୍ଡମୁକୁନ୍ଦପୁର ବଜାର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମକୁ ସଂଗଠନର ରାଜ୍ୟ ସମ୍ପାଦିକା ସୋନିଲତା ସେଠୀଙ୍କ ସହ ସଦସ୍ୟା ମମତା ବେହେରା, ଗୀତା ବେହେରା, ଝରଣା ମଲିକ, ଯୁବ ନେତା କାହ୍ନୁ ଚରଣ ବେହେରା, ସର୍ବେଶ୍ୱର ଭାରତୀଙ୍କ ସହ ବହୁ ନେତୃବୃନ୍ଦ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଭୁବନେଶ୍ୱରରେ ନିର୍ମାଣ ହେବ ଆମ୍ବେଡ୍କର ଭବନ

ଭୁବନେଶ୍ୱର, ୧୪।୪ (ବନ୍ଦନା ସେଠୀ)

## 'ଆମ୍ବେଡ୍କର କେବଳ ଏକ ନାମ ନୁହେଁ, ଏହା ଏକ ବିଚାରଧାରା'


କଳାକାରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରୁଛନ୍ତି।

ଆମ୍ବେଡ୍କର କେବଳ ଏକ ନାମ ନୁହେଁ, ଏହା ଏକ ବିଚାରଧାରା, ଯାହା ସମାନତାର ପଥ ପ୍ରଦର୍ଶନ କରେ। ସମତା ଓ ନ୍ୟାୟଭିତ୍ତିକ ସମାଜ ଗଠନ ହିଁ ବାବା ସାହେବଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ସୂଚନା ଭବନରେ ଭାରତରତ୍ନ ବାବା ସାହେବ ଡ. ଭୀମ୍‌ରାଓ ରାମ୍‌ଜୀ ଆମ୍ବେଡ୍କରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଖୁବ୍‌ଶୀଘ୍ର ଖାରବେଳନଗରଠାରେ ଆମ୍ବେଡ୍କର ଭବନ ନିର୍ମାଣ ହେବ ବୋଲି ଘୋଷଣା କରିଛନ୍ତି। ଏଥିସହ ସାଧାରଣ ପ୍ରଶାସନ ବିଭାଗକୁ ଏହାର ଡିପିଆର୍ ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆମ୍ବେଡ୍କରଙ୍କ ଜୀବନ ସଂଘର୍ଷ ଓ ଶିକ୍ଷା ପ୍ରତି ତାଙ୍କ ନିଷ୍ଠାକୁ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଲେ, ବାବା ସାହେବ ସମାଜରେ ସମାନତା ଆଣିବା ପାଇଁ ଜୀବନସାରା ଲଢ଼େଇ କରିଥିଲେ। ଭାରତୀୟ ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଓ ନ୍ୟାୟ ଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କ ଉନ୍ନତି ଆଜି ଡ. ଆମ୍ବେଡ୍କରଙ୍କ ପାଇଁ ସମ୍ଭବ ହୋଇଛି। ସମାଜର ସବୁଠୁ ପଛୁଆ ଲୋକଙ୍କ ଉନ୍ନତି ବିନା ସମୃଦ୍ଧ ଓଡ଼ିଶା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ ଉନ୍ନୟନ ପାଇଁ ଚଳିତ ୨୦୨୬-୨୭ ବଜେଟରେ ୬ ହଜାର ୬୪୯ କୋଟିରୁ ଅଧିକ ଟଙ୍କା ପ୍ରାବଧାନ କରାଯାଇଛି। ଏଥିସହିତ ପିଭିଟିଜି ବର୍ଗଙ୍କ ବିକାଶ ପ୍ରତି ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ସେହିପରି ୨୦୨୬-୨୭ ବଜେଟରେ ଏସ୍‌ସି ଓ ଏସ୍‌ଟି ବର୍ଗ ପାଇଁ ବଡ଼ ଆର୍ଥିକ ପ୍ରାବଧାନ ରହିଛି ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକାକୁ ଗୁରୁତ୍ୱ ଦିଆଯାଉଛି। ଇଞ୍ଜିନିୟରିଂ ଓ ମେଡିକାଲ କ୍ଷେତ୍ରରେ ନୂତନ ସଂରକ୍ଷଣ ବ୍ୟବସ୍ଥାକୁ ଐତିହାସିକ ପଦକ୍ଷେପ ବୋଲି ସେ ବର୍ଣ୍ଣନା କରିବା ସହ ପ୍ରତିଭା କୌଣସି ଜାତି ବା ଧର୍ମରେ ସୀମିତ ନୁହେଁ, ସୁଯୋଗ ମିଳିଲେ ସବୁଠୁ ଆଗକୁ ବଢ଼ିପାରିବେ ବୋଲି ମତ ରଖିଛନ୍ତି। ୧୯୯୦ରେ ଡ. ଆମ୍ବେଡ୍କରଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ଆମ୍ବେଡ୍କରଙ୍କ କୀର୍ତ୍ତି ଓ ସମ୍ମାନକୁ ପୁନଃପ୍ରତିଷ୍ଠା କରାଯାଇଛି। ପ୍ରଧାନମନ୍ତ୍ରୀ ଡ. ବାବା ସହେବଙ୍କ ଜୀବନୀ ସହ ଜଡ଼ିତ ୫ଟି ସ୍ଥାନକୁ ବିକଶିତ କରି ପଞ୍ଚତୀର୍ଥ ଭାବେ ନାମକରଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ନିଆଳି ବିଧାୟକ ଛବି ମଲ୍ଲିକ, ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କୁଳପତିଙ୍କ ଦାୟିତ୍ୱ ଗ୍ରହଣ


ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ ରାଜ୍ୟପାଳଙ୍କୁ ଭେଟୁଛନ୍ତି।

ଭୁବନେଶ୍ୱର, ୧୪।୪ (ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟର ଶୈକ୍ଷିକ ମାନଦଣ୍ଡକୁ ସୁଦୃଢ଼, ଗବେଷଣାକୁ ପ୍ରୋତ୍ସାହନ ଏବଂ ଦକ୍ଷ ପ୍ରଶାସନ ସୁନିଶ୍ଚିତ କରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ସେହିପରି ଓଡ଼ିଶାର ଏହି ସର୍ବପୁରାତନ ବିଶ୍ୱବିଦ୍ୟାଳୟକୁ ସେ ଶୈକ୍ଷିକ ଅଭିବୃଦ୍ଧି ଏବଂ ଆନୁଷ୍ଠାନିକ ବିକାଶ ଦିଗରେ ଆଗେଇ ନେବାର ଆଶା ବାନ୍ଧିଛନ୍ତି। ରାଜ୍ୟର ବିଭିନ୍ନ ଅନୁଷ୍ଠାନରେ ଇତିହାସର ଜଣେ ବିଦ୍ୱାନ ପ୍ରଫେସର ତଥା ପୂର୍ବରୁ ଓଡ଼ିଶା ଗବେଷଣା କେନ୍ଦ୍ରର ମୁଖ୍ୟ ଭାବେ କାର୍ଯ୍ୟ କରିଥିବା ପ୍ରଫେସର ନନ୍ଦଙ୍କର ଉଚ୍ଚଶିକ୍ଷା ଅଧ୍ୟାପନା ଓ ପ୍ରଶାସନ କ୍ଷେତ୍ରରେ ଦୀର୍ଘ ତିନି ଦଶନ୍ଧିର ବ୍ୟାପକ ଅଭିଜ୍ଞତା ରହିଛି। ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା ପ୍ରଗତିଶୀଳ ସଂସ୍କାର ଓ ନୂତନ ପଦକ୍ଷେପ ଆଶାରେ ତାଙ୍କ ନିଯୁକ୍ତିକୁ ଆନନ୍ଦର ସହ ସ୍ୱାଗତ କରିଛନ୍ତି। ନିଯୁକ୍ତି ପରେ ପ୍ରଫେସର ନନ୍ଦ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

# ବିଶ୍ୱ ଓ ପରିବାର ପକ୍ଷରୁ ଓଡ଼ିଆ ନବବର୍ଷ ସ୍ୱାଗତ ଉତ୍ସବ

ଭୁବନେଶ୍ୱର, ୧୪।୪ (ସୁଚିସ୍ମିତା ସାହୁ)

ବିଶ୍ୱ ଓ ପରିବାର ପକ୍ଷରୁ ପଣାସଂକ୍ରାନ୍ତି ଏବଂ ଓଡ଼ିଆ ନୂଆବର୍ଷର ସ୍ୱାଗତ ଉତ୍ସବ ମଙ୍ଗଳବାର ଖଣ୍ଡଗିରିବାରି କମ୍ୟୁନିଟି ସେଣ୍ଟରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ୍ ଶର୍ମା ଅଧ୍ୟକ୍ଷତା କରି ସଂଗଠନର କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଓଡ଼ିଶାର ସଭାପତି ରାଜୀବ ଶେଖର ସାହୁ ଉଦ୍‌ଘାଟକ ଭାବେ ଯୋଗଦେଇ କହିଲେ, ବିଗତ ହଜାର ହଜାର ବର୍ଷର ଓଡ଼ିଆ ସଂସ୍କୃତିକୁ ଚାପି ଦିଆଯାଇ ପାଶ୍ଚାତ୍ୟ ଅପସଂସ୍କୃତିକୁ ଆମ ଉପରେ ଲଦି ଦିଆଯାଇଛି। ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଯେପରି ମହାନ୍ ଓ ବଳିଷ୍ଠ, ସେହିପରି ବାଣିଜ୍ୟ ପରମ୍ପରା ମଧ୍ୟ ଅତି ସମୃଦ୍ଧ ଥିଲା। ଉଦ୍ୟୋଗ ତଥା ବ୍ୟବସାୟ କ୍ଷେତ୍ରକୁ ଏକ ନକାରାତ୍ମକ ଭାବେ ଉପସ୍ଥାପନ କରାଯାଉଛି। ମୁଖ୍ୟବକ୍ତା ଭାବେ ଜ୍ୟୋତିର୍ବିଦ୍ୟା ବାଚସ୍ପତି ଦୋଳଗୋବିନ୍ଦ ପଣ୍ଡା ଯୋଗଦେଇଥିଲେ। ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ମଦମୁକ୍ତି ଆନ୍ଦୋଳନ ଓଡ଼ିଶା ନିଶା ନିବାରଣର ଆବଶ୍ୟକତା ତଥା ନିରାକରଣ ପାଇଁ ଆଜି ଦିନରେ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ବିଶ୍ୱ ଓ ପରିବାରର 'ଓଡ଼ିଆ ପଞ୍ଜିକା' ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଦିଲୀପ ମାଝୀ ଯୋଗଦେଇଥିଲେ। ବିଶ୍ୱ ଓ ଟ୍ରଷ୍ଟି ଭବାନୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଡ. ହାଡ଼ିବନ୍ଧୁ ପାଣିଗ୍ରାହୀ ସ୍ୱାଗତ ଭାଷଣ ଏବଂ ଡାକ୍ତର ପ୍ରତାପ ପାଣି ଧନ୍ୟବାଦ ଦେଇଥିଲେ।

# ପଥପ୍ରାନ୍ତ ନାଟକରେ ନାରୀଶକ୍ତିର ବାର୍ତ୍ତା ଦେଲେ ଛାତ୍ରୀ


ଛାତ୍ରୀମାନେ ପଥପ୍ରାନ୍ତ ନାଟକ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୧୪।୪ (ସୁଚିସ୍ମିତା ସାହୁ)

ନାରୀଶକ୍ତି ବନ୍ଦନ ଅଧିନିୟମ-୨୦୨୩ କେନ୍ଦ୍ର ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ନାରୀଶକ୍ତି ବନ୍ଦନ ଅଧିନିୟମ ମାଧ୍ୟମରେ ସଂସଦ ଏବଂ ରାଜ୍ୟର ବିଧାନସଭାରେ ମହିଳାଙ୍କ ପାଇଁ ୩୩% ଆରକ୍ଷଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ସଂସଦରେ ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ, ରାଜଧାନୀ ମହାବିଦ୍ୟାଳୟ ଓ କମଳା ନେହେରୁ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ନାରୀଶକ୍ତି ବନ୍ଦନ ଅଧିନିୟମ ଉପରେ ଆଧାରିତ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଭୁବନେଶ୍ୱରର ଉତ୍କଳ ଗ୍ୟାଲେରିଆ ମଲ୍, ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର ରେଳଷ୍ଟେଶନ ଏବଂ ମାର୍କେଟ ବିଲ୍ଡିଂରେ ଆୟୋଜିତ ହୋଇଥିବା ଏହି ପଥପ୍ରାନ୍ତ ନାଟକରେ ୩୨ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ନାଟକର କାହାଣୀ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ନାଟକରେ ଅଭିନୟ କରି ଛାତ୍ରୀମାନେ ଲୋକଙ୍କ ମଧ୍ୟରେ ନାରୀ ସଶକ୍ତୀକରଣର ବାର୍ତ୍ତା ପ୍ରଦାନ କରିଥିଲେ।

# ନିଶା ନିବାରଣ ସଙ୍କଳ୍ପକୁ ନେଇ ଶିଳ୍ପୀ ଶିବିର ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର, ୧୪।୪ (ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ନବବର୍ଷ ଓ ଜାତୀୟ ସେବା ଯୋଜନାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଶା ନିବାରଣ ଉପରେ ଆଧାରିତ ଶିଳ୍ପୀ ଶିବିରକୁ ମୁଖ୍ୟ ଅତିଥି ସମର୍ପଣର ପ୍ରତିଷ୍ଠାତା ତଥା ସମାଜସେବୀ ପ୍ରଭୁଦତ୍ତ ପଟେଲ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ଉଦ୍‌ଘାଟନ କରିଥିଲେ। ନିଶାରୁ ଯୁବପିଢ଼ି ନିବୃତ୍ତ ରହି ଜୀବନର ଲକ୍ଷ୍ୟକୁ କେନ୍ଦ୍ରୀଭୂତ କରି କାର୍ଯ୍ୟକଲେ ସଫଳ ହୋଇପାରିବ ଏବଂ ସମାଜକୁ ଶୃଙ୍ଖଳିତ କରିପାରିବ ବୋଲି ଅତିଥିମାନେ କହିଥିଲେ। ଅନ୍ୟତମ ଅତିଥିଭାବେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ ଓ ଅଧ୍ୟାପକ ଭୂପତି ଭୂଷଣ ପଣ୍ଡା ଯୋଗ ଦେଇଥିଲେ। ୬୦ ଜଣ ଛାତ୍ରୀଛାତ୍ର ନିଶା ନିବାରଣ ବିଷୟକୁ ନେଇ ସୁନ୍ଦର ସୃଜନଶୀଳ ଚିତ୍ର ଓ ପ୍ରାଚୀରପତ୍ର ଅଙ୍କନକରି ସଚେତନ ବାର୍ତ୍ତା ବାଣ୍ଟିଥିଲେ।

# କୁଞ୍ଜବିହାରୀ ମହାନ୍ତିଙ୍କ ପରଲୋକ

ପୁରୁଣା ଭୁବନେଶ୍ୱର, ୧୪।୪ (ସୁବାସ ଚନ୍ଦ୍ର ପ୍ରଧାନ)

କେଦାରଗୌରୀ ବିହାରର ବରିଷ୍ଠ ନାଗରିକ କୁଞ୍ଜବିହାରୀ ମହାନ୍ତିଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି । ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବରପାଇ ପୋଲିସ ଡିଜି ୱାଇବି ଖୁରାନିଆ, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଏବଂ ଅନ୍ୟମାନେ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱର୍ଗତ ମହାନ୍ତିଙ୍କ ବଡ଼ପୁଅ ତଥା ଜଳସମ୍ପଦ ବିଭାଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ବିଶ୍ୱଜିତ ମହାନ୍ତି, ସାନପୁଅ ପୂର୍ବତନ ପୋଲିସ ଡିଜି ସତ୍ୟଜିତ ମହାନ୍ତି ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ଆମ୍ବେଡକରଙ୍କ ଜୟନ୍ତୀରେ ମାଲ୍ୟାର୍ପଣ

ଭୁବନେଶ୍ୱର, ୧୪।୪ (ବନ୍ଦନା ସେଠୀ)

ଭାରତର ସମ୍ବିଧାନ ପ୍ରଣେତା, ଚିନ୍ତକ ଓ ସମାଜ ସଂସ୍କାରକ ଭାରତ ରତ୍ନ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସମାନତା, ନ୍ୟାୟ ଓ ମାନବିକ ଅଧିକାର ପାଇଁ ତାଙ୍କ ଅବଦାନ ଅସାଧାରଣ ଏବଂ ତାଙ୍କ ଆଦର୍ଶ ଆଜିର ସମାଜ ପାଇଁ ସଦା ପଥପ୍ରଦର୍ଶକ ହୋଇ ରହିବ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମଙ୍ଗଳବାର ସକାଳ ୮ଟା ୩୦ରେ ଏଜି ଛକରେ ଡ. ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଅଶ୍ୱିନୀ କୁମାର ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଏଥିସହ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ରାଜନୈତିକ ଦଳର ସଦସ୍ୟ, ବିଧାୟିକା ଓ ବିଧାୟକ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅନ୍ୟାନ୍ୟ ଅଧିକାରୀ, ଛାତ୍ରୀଛାତ୍ର ଏବଂ ସାଧାରଣ ଲୋକେ ଯୋଗଦେଇ ଡ. ଆମ୍ବେଡକରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବମିଖାଲରେ ବିଷୁବ ମିଳନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର, ୧୪।୪ (ବନ୍ଦନା ସେଠୀ)

ମହାବିଷୁବ ସଂକ୍ରାନ୍ତି ଅବସରରେ ମଙ୍ଗଳବାର ବମିଖାଲସ୍ଥିତ ଅଗ୍ରଣୀ ସିନିୟର ସିଟିଜେନ୍ସ ୱେଲଫେୟାର ଫୋରମ ପକ୍ଷରୁ ୩୧ନଂ ୱାର୍ଡ ଅଫିସରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଦ୍ୱୈତ୍ୟ ପ୍ରସାଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁମାରେନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ଡ.ଫନୀନ୍ଦ୍ର ମହାନ୍ତି ଯୋଗ ଦେଇ ବିଷୁବ ମିଳନ, ଓଡ଼ିଆ ନବବର୍ଷ ଏବଂ ଭାଇଚାରା ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ ଭକ୍ତବନ୍ଧୁ ଦାସଙ୍କ ସଞ୍ଚାଳନ, ଅଜୟ କୁମାର ପ୍ରଧାନଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫୋରମର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ନୂତନ ବର୍ଷ ପାଳିତ

ଭୁବନେଶ୍ୱର, ୧୪।୪ (ବନ୍ଦନା ସେଠୀ)

ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ମଙ୍ଗଳବାର ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟରେ ଓଡ଼ିଆ ନବବର୍ଷ ପାଳନ କରାଯାଇଛି। ବୈଠକରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବାବେଳେ ପାରାଦୀପ କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ଉତ୍କଳ ସମ୍ମିଳନୀର ରାଜ୍ୟ ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର ଯୋଗଦେଇ ଓଡ଼ିଆ ନୂତନ ବର୍ଷର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ପ୍ରିୟ ରଞ୍ଜନ ସାହୁ, ଅନୁପମା ବେହେରା, ସୁରଜିତ ପରିଡ଼ା, ସୁଷମା ଲେଙ୍କା ଓ ସତ୍ୟବାଦୀ ରଥ ପ୍ରମୁଖ କବିତା ପାଠ କରିଥିଲେ। ଭୁବନେଶ୍ୱର ଶାଖାର ସମ୍ପାଦକ ଶିବବ୍ରତ ମହାନ୍ତି, ମଞ୍ଚେଶ୍ୱର ଶାଖା ଯୁଗ୍ମସମ୍ପାଦକ ଅକ୍ଷୟ ଜେଠୀ, ନିତ୍ୟରଞ୍ଜନ ନନ୍ଦ, ଦୀପ୍ତିମୟୀ ନାୟକ, ପବିତ୍ର ମୋହନ ପରିଡ଼ା, ଧ୍ରୁବ ଚରଣ ସେଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ହନୁମାନ ଜୟନ୍ତୀ ୧୦୮ ହନୁମାନ ଚାଳିଶା ପାଠ

ବାରଙ୍ଗ, ୧୪।୪ (ଲିଙ୍ଗରାଜ ରାଉତ)

ମେଣ୍ଢାଶାଳ ଗ୍ରାମର ଶ୍ରୀଶ୍ରୀ ବାସୁଦେବ ମନ୍ଦିର ପ୍ରାଗଣରେ ଥିବା ମହାବୀର ମନ୍ଦିରରେ ୩୫ତମ ୧୦୮ ହନୁମାନ ଜୟନ୍ତୀ । ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଶତାଧିକ ଯୁବତୀ ଯୁବକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ହନୁମାନ ଚାଳିଶା ପାଠ କରିଥିବା ବେଳେ ମନ୍ଦିର ପରିସରରେ ସତନ୍ତ୍ର ପୂଜା ଅର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟା ସମୟରେ ପ୍ରସାଦ ସେବନ କାର୍ଯକ୍ରମ କରାଯାଇଥିଲା। ସେହିପରି ଜାମୁଝରି ଗ୍ରାମରେ ଥିବା ସଙ୍କଟ ମୋଚନ ହନୁମାନ ସେବସଂଘ ଆନୁକୂଲ୍ୟରେ ହନୁମାନ ଜୟନ୍ତୀ ସହ ୧୦୮ହନୁମାନ ଚାଳିଶା ପାଠ କରାଯାଇଥିଲା। ବହୁ ଶ୍ରଦ୍ଧାଳୁଙ୍କ ପାଇଁ ସନ୍ଧ୍ୟାରେ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା।

# ମା ବୁଢ଼ୀ କ୍ଷେତ୍ରମଣୀଙ୍କ ପୀଠରେ ଝାମୁଯାତ୍ରା

ବାଲିଅନ୍ତା, ୧୪।୪ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ବଇଢୁଆ ଗ୍ରାମ ହାଟ ପଡ଼ିଆସ୍ଥିତ ମା' ବୁଢ଼ୀ କ୍ଷେତ୍ରମଣୀଙ୍କ ପୀଠ ସମ୍ମୁଖରେ ପବିତ୍ର ମହା ବିଷୁବ ପଣା ସଂକ୍ରାନ୍ତି ଅବସରରେ ପାରମ୍ପରିକ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନସିକ ବ୍ରତଧାରୀମାନେ କାଠ କୋଇଲା ନିଆଁରେ ଚାଲିଥିବା ବେଳେ ୧୦ ଜଣ ବ୍ରତଧାରୀ ୩ ଦିନ ଧରି ନିଷ୍ଠାରେ ମା ଙ୍କ ପାଖରେ ଶରଣାପନ୍ନ ହୋଇ ରହିଥିଲେ। ଝାମୁ ଯାତ୍ରା ଅବସରରେ ମା' ବୁଢ଼ୀ କ୍ଷେତ୍ରମଣୀଙ୍କୁ ସ୍ୱତନ୍ତ୍ର ଉପଚାରରେ ପୂଜାର୍ଚ୍ଚନା କରାଯିବା ସହିତ ସମସ୍ତ ନୀତି କାନ୍ତି ସମ୍ପନ୍ନ କରାଯାଇଥିଲା। ସକାଳ ସମୟରେ କୁଆଖାଇ ନଦୀରୁ ଜଳଯାତ୍ରା ଆସିବା ପରେ ମନ୍ଦିର ପରିସର ଉପସ୍ଥାପନ କରାଯାଇଥିଲା। ପରେ ମଙ୍ଗଳ ଆଳତି, ହୋମଯଜ୍ଞ ଓ ମାର୍ଜନା ନୀତି କରାଯାଇଥିଲା। ସମସ୍ତ ନୀତି କାନ୍ତିକୁ ଭାଗିରଥି ବାରିକ ସମ୍ପନ୍ନ କରିଥିବା ବେଳେ ଜଗବନ୍ଧୁ ସାହୁ ଝାମୁଯାତ୍ରା ମୁଖ୍ୟ କାଳସୀର ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମର ମୂରଲୀ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଝାମୁଯାତ୍ରା ପରିଚାଳିତ ହୋଇଥିଲା। ଝାମୁଯାତ୍ରା ଶେଷ ହେବା ପରେ ମୁଖ୍ୟ କାଳସିଙ୍କ ସହିତ ଅନ୍ୟ ବ୍ରତଧାରୀ ଏକ ଶୋଭାଯାତ୍ରାରେ ଭେଲୁରୀ, ପାଟରା ସାହି, ବିଲସାହି ଓ ବଢ଼େଇ ସାହିକୁ ନଗର ପରିକ୍ରମାରେ ଯାଇଥିଲେ।

# ଦୁର୍ଦ୍ଦଶା ବଢ଼ାଉଛି ଟ୍ରାଫିକ୍ ସମସ୍ୟା

- ପ୍ରତି ଛକରେ ଲମ୍ବାଲାଇନ
- ଟ୍ରାଫିକ୍ ପରିଚାଳନା ବିଫଳ

ଭୁବନେଶ୍ୱର, ୧୪।୪ (ପ୍ରସନଜିତ୍ ସାହୁ)



ରାଜଧାନୀରେ ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି ଟ୍ରାଫିକ ସମସ୍ୟା। ପ୍ରମୁଖ ଛକଗୁଡ଼ିକରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ଅଣନିଃଶ୍ୱାସୀ ହୋଇପଡୁଛନ୍ତି ରାଜଧାନୀବାସୀ। ଭିଡ଼ କାରଣରୁ କୌଣସି ସ୍ଥାନରେ ଠିକ୍ ସମୟରେ ପହଞ୍ଚିବା ସମ୍ଭବପର ହେଉନାହିଁ। ପ୍ରାୟ ସପ୍ତାହେ ହେବ ସନ୍ଧ୍ୟା ସମୟରେ ରାଜଧାନୀର ପ୍ରମୁଖ ଛକଗୁଡ଼ିକରେ ଅସମ୍ଭାଳ ଭିଡ଼ ସହ ଗାଡ଼ିର ଲମ୍ବାଲାଇନ୍ ଦେଖିବାକୁ ମିଳୁଛି। ଯାତ୍ରୀମାନେ ଗୋଟିଏ ଛକରୁ ଅନ୍ୟ ଏକ ଛକକୁ ଯିବା ପାଇଁ ନାକେଦମ ହେଉଛନ୍ତି। ଏନେଇ ଟ୍ରାଫିକ୍ ପୋଲିସ ପକ୍ଷରୁ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଲୋକେ କହୁଛନ୍ତି। ଏପରି କି ଜରୁରିକାଳୀନ ସେବା ଆମ୍ବୁଲାନ୍ସ ଯିବା ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଥିଲେ ସୁଦ୍ଧା ଅତ୍ୟଧିକ ଭିଡ଼ କାରଣରୁ ଲୋକମାନେ ଏହାକୁ ଅବରୋଧ କରି ରଖୁଥିବା ଦେଖିବାକୁ ମିଳୁଛି। ସେହିପରି ଏହି ଭିଡ଼ ଭିତରେ ବରିଷ୍ଠ ନଗରିକମାନେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷକରି ମଞ୍ଚେଶ୍ୱରରୁ ଆଚାର୍ଯ୍ୟବିହାର, କଳ୍ପନାରୁ ରସୁଲଗଡ଼, ପଳାଶୁଣିରୁ ରସୁଲଗଡ଼ ଛକ, ଜୟଦେବ ବିହାରରୁ ପଟିଆ ଛକ ଏବଂ ଫାୟାର ଷ୍ଟେଶନରୁ ଜୟଦେବ ବିହାର ଛକ ଭଳି ଅଧିକାଂଶ ଛକଗୁଡ଼ିକରେ ସନ୍ଧ୍ୟା ସମୟରେ ପ୍ରବଳ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳୁଛି। ଟ୍ରାଫିକ୍ ପୋଲିସ କେବଳ ଜରିମାନା ଆଦାୟରେ ବ୍ୟସ୍ତ ରହୁଥିବା ବେଳେ ଠିକ୍ ଟ୍ରାଫିକ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି।

## ଏମାନେ ଯାହା କୁହନ୍ତି...


"ପ୍ରତିଦିନ ପଟିଆରୁ ଜୟଦେବ ବିହାର ରାସ୍ତା ଦେଇ ଘରକୁ ଫେରେ। ଯିବା ବାଟରେ ଟ୍ରାଫିକ୍ ସମସ୍ୟା ଅସମ୍ଭାଳ ହୋଇ ପଡୁଛି। ତେଣୁ ପ୍ରାୟ ଘଣ୍ଟାଏ ବିଳମ୍ବରେ ଘରେ ପହଞ୍ଚୁଛି। ଟ୍ରାଫିକ ସମସ୍ୟାର ତୁରନ୍ତ ସମାଧାନ ହେବା ନିହାତି ଆବଶ୍ୟକ।

**- ଶୁଭମ ସା, କର୍ମଜୀବୀ**


"କିଛିଦିନ ହେବ ଟ୍ରାଫିକ ଭିଡ଼ କାରଣରୁ ଘରେ ପହଞ୍ଚିବା ଡେରି ହେବା ସହିତ ଠିକ୍ ସମୟରେ କୌଣସି ସ୍ଥାନରେ ପହଞ୍ଚିବା ସମ୍ଭବ ହେଉନାହିଁ। ଟ୍ରାଫିକ୍ ପୋଲିସ ଛକଗୁଡ଼ିକରେ ଅନ୍ଧାରରେ ଜଗି ରହି ଫାଇନ ଆଦାୟ କରୁଥିବାବେଳେ ଟ୍ରାଫିକ ନିୟନ୍ତ୍ରଣ ଠିକ୍ ଭାବରେ କରିପାରୁନି। ଆମ୍ବୁଲାନ୍ସ ଭଳି ଜରୁରିକାଳୀନ ଗାଡ଼ି ମଧ୍ୟ ଭିଡ଼ କାରଣରୁ ଫସି ରହୁଛି।

**- ଦେବାଶିଷ ଚିନ୍ମୟ କରଣ, ଛାତ୍ର**


"ଅସମ୍ଭାଳ ଭିଡ଼ କାରଣରୁ ଲୋକେ ହଇରାଣ ହେଉଥିବାବେଳେ ପ୍ରତିଦିନ ଦୁର୍ଘଟଣା ମଧ ଘଟୁଛି। ଅସହ୍ୟ ଭିଡ଼ ହେତୁ ବରିଷ୍ଠ ନାଗରିକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କମିଶନରେଟ ପୋଲିସ ଏଥିପ୍ରତି ଧ୍ୟାନ ଦେଇ ରାଜଧାନୀର ସବୁ ଛକଗୁଡ଼ିକରେ ତୁରନ୍ତ ଟ୍ରାଫିକ ସୁପରିଚାଳନା କରିବା ଉଚିତ।

**- ଜିତେନ୍ଦ୍ର ଜେନା, ଛାତ୍ର**


"ରାଜଧାନୀର ସବୁ ସ୍ଥାନରେ ଠିକ୍ ଭାବରେ ଟ୍ରାଫିକ ପରିଚାଳନା କରାଯାଉଛି। ଭିଡ଼ ସ୍ଥାନଗୁଡ଼ିକରେ ଖୁବ୍ ଶୀଘ୍ର ଟ୍ରାଫିକ ସୁପରିଚାଳନାର ବ୍ୟବସ୍ଥା କରାଯିବ।

**- ଉମାକାନ୍ତ ପ୍ରଧାନ, ଟ୍ରାଫିକ ଏସିପି**

**ମା'ତାରିଣୀଙ୍କ ବାର୍ଷିକୋତ୍ସବ**

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଆରାଧ୍ୟ ସପ୍ତେଶ୍ୱର ଦେବଙ୍କ ମନ୍ଦିର ପରିସରରେ ମା'ତାରିଣୀଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ କୃଷ୍ଣ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଲକ୍ଷ୍ମୀଧର ସାହୁ ଓ ତାଙ୍କ ସହଧର୍ମିଣୀ ପ୍ରମିଳା କର୍ତ୍ତା ଭାବେ ଉପବେସନ କରିଥିଲେ। ପୂର୍ଣ୍ଣାହୁତି ଦିବସରେ କହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ପୁରୀ ବେହେରା ସାହିର ପ୍ରବଚକ ଗୋଲକ ବିହାରୀ ଶତପଥୀ ଯୋଗଦେଇ ହରିନାମର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

# 'ଯୁବପିଢ଼ି ସାହିତ୍ୟାନୁରାଗୀ ହୁଅନ୍ତୁ'

## କୃପାସିନ୍ଧୁଙ୍କୁ ବିଷୁବ ସମ୍ମାନ, ଲକ୍ଷ୍ମୀକାନ୍ତଙ୍କୁ ସାରସ୍ୱତ ସମ୍ମାନ



ଖୋର୍ଦ୍ଧା,୧୪।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ଆନୁକୂଲ୍ୟରେ ସ୍ଥାନୀୟ ଗୀତାଭବନ ପରିସରରେ ବିଷୁବ ମିଳନ ଉତ୍ସବ, କବିତା ପାଠୋତ୍ସବ, ଆଲୋଚନା ଚକ୍ର ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଉଦ୍‌ଘାଟନ କରି ବିଶିଷ୍ଟ କଥାଶିଳ୍ପୀ ଡ. ପ୍ରଜ୍ଞା ପାଳ ଖୋର୍ଦ୍ଧାର ଇତିହାସ, ସାହିତ୍ୟ ଓ ଅସ୍ମିତାକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଓଡ଼ିଶାର କଳା, ଭାଷା, ସାହିତ୍ୟ, ସ୍ଥାପତ୍ୟ ଅସ୍ମିତାର ପ୍ରତୀକ। ଏଥିପ୍ରତି ପ୍ରତିବଦ୍ଧତା ଜରୁରୀ। ନିଜ ସଂସ୍କୃତି ପରମ୍ପରା ସହ ପିଲାଙ୍କୁ ଯୋଡ଼ନ୍ତୁ। ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜର ସଭାପତି ଡ.ସୁରେଶ ଛୋଟରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ସତ୍ୟନାରାୟଣ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତୀୟ ସଂସ୍କୃତି, ପରମ୍ପରା, ଓଡ଼ିଶାର ସମୃଦ୍ଧ ଇତିହାସ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଇତିହାସ ହେଉଛି ଏକ ରାଷ୍ଟ୍ର ଓ ସଭ୍ୟତାର ଦର୍ପଣ। ଅତୀତକୁ ଅନ୍ୱେଷଣ ଦ୍ୱାରା ଭବିଷ୍ୟତକୁ ଉନ୍ନତ କରାଯାଇ ପାରିବ। ଯୁବବର୍ଗ ରିଲ୍ସରେ ମାଟି ସଂସ୍କୃତି ଠାରୁ ଦୁରେଇ ଯାଉଛନ୍ତି। ଯୁବପିଢ଼ି ସାହିତ୍ୟାନୁରାଗୀ ହୁଅନ୍ତୁ। ମୁଖ୍ୟ ବକ୍ତା ରମେଶ ଚନ୍ଦ୍ର ପଟ୍ଟନାୟକ କହିଥିଲେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଗୌରବ ବଢ଼ିଛି। ନିଜ ଭାଷାକୁ ନେଇ ଗର୍ବ କରନ୍ତୁ, ଓଡ଼ିଆରେ କହିବା ଲେଖିବା ଅଭ୍ୟାସ ଜାରି ରଖନ୍ତୁ। ଭାଷା ଗୋଟିଏ ଜାତିର ସଂସ୍କୃତି ପରିଚୟ ବହନ କରେ। ଭାଷା ସମୃଦ୍ଧ ହେଲେ ସେହି ଜାତିର ଗୌରବ ବଢ଼ିବ। ଏହି ଅବସରରେ ବିଶିଷ୍ଟ ଭାଷାବିତ୍ କୃପାସିନ୍ଧୁ ବିଶ୍ୱାଳଙ୍କୁ ଖୋର୍ଦ୍ଧା ବିଷୁବ ସମ୍ମାନ-୨୦୨୬ ଏବଂ ଅନ୍ୟତମ ବରିଷ୍ଠ ଭାଷାବିତ୍ ଓ ସାହିତ୍ୟକ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ତୃତୀୟ ଯମେଶ୍ୱର କହଲସିଂହ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ପ୍ରଥମ ଅଧିବେଶନରେ କବି ଡ.ପ୍ରଫୁଲ୍ଲ ସାମନ୍ତରାୟଙ୍କ ପୌରୋହିତ୍ୟରେ କବି ଗୋବିନ୍ଦ ଚନ୍ଦ୍ର ମହାରଣା, କବି କମଳିନୀ ମଲ୍ଲିକ ଏବଂ ଗୋପୀନାଥ ସେଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ତ୍ରିଲୋଚନ ଦାସ ଏବଂ ନିଶିକାନ୍ତ କହଲସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଜ୍ଞାନ ରଞ୍ଜନ ଦାଶ ସମ୍ପାଦକୀୟ ବିବରଣୀ ପାଠ, କୋଷାଧ୍ୟକ୍ଷ କବି ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଥାଶିଳ୍ପୀ ତପନ ମହାପାତ୍ର, ସମରେନ୍ଦ୍ର ବଳିୟାରସିଂହ, ବିପିନ ମହାନ୍ତି, ଅକ୍ଷୟ କୁମାର ସାହୁ, ଅଜୟ ସେଠୀ, ଗାଳ୍ପିକ ଡ.ବୃନ୍ଦାବନ ପଣ୍ଡା, ଡ. ଚପଳା ପଣ୍ଡା, ସ୍ୱାଗତିକା ସୁନ୍ଦରାୟ, ସ୍ନିଗ୍ଧା ସୁଚିସ୍ମିତା ଖଟୁଆ, ଅନ୍ତର୍ଯ୍ୟାମୀ ପ୍ରଧାନ, ସୌଦାମିନୀ ବେହେରା, ହରିହର ସାହୁ, ଗୀତାଞ୍ଜଳି ମହାପାତ୍ରଙ୍କ ସମେତ ଶତାଧିକ ସଂସ୍କୃତି ପ୍ରେମୀ ଓ କବି ଉପସ୍ଥିତ ଥିଲେ।

## ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର



ଶୋଭାଯାତ୍ରାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟମାନେ।

ବାଲୁଗାଁ/ବାଣପୁର,୧୪।୪
(ସଂଗ୍ରାମ ପାଇକରାୟ/ଦିଲୀପ କୁମାର ସ୍ୱାଇଁ)

ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ବଜରଙ୍ଗ ଦଳ ଚିଲିକା ପ୍ରଖଣ୍ଡ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଏହି ଶୋଭାଯାତ୍ରା ଐତିହାସିକ ମାମୁ ଭଣଜା ପାହାଡ଼ସ୍ଥିତ ହନୁମାନ ମନ୍ଦିରରୁ ବାହାରି ବାଲୁଗାଁ ନଗର ପରିକ୍ରମା କରିଥିଲା। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଶୋଭାଯାତ୍ରାରେ ସାମିଲ ହୋଇ ବଜରଙ୍ଗ ଦଳ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଜୟ ଶ୍ରୀରାମ ଓ ଜୟ ବଜରଙ୍ଗବାଲୀଙ୍କ ଧ୍ୱନିରେ ବାଲୁଗାଁ ସହର ପ୍ରକମ୍ପିତ ହୋଇଉଠିଥିଲା। ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ପ୍ରତିମୂର୍ତ୍ତିକୁ ସୁସଜ୍ଜିତ ରଥରେ ବିରାଜମାନ କରାଯାଇଥିଲା। ଅନୁରୂପ ଭାବେ ଏହି ଶୋଭାଯାତ୍ରା ବାଣପୁର ନଗର ପରିକ୍ରମା କରି ଐତିହାସିକ ପଲଟଣ ପଡିଆରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ବଜରଙ୍ଗ ଦଳ କର୍ମୀ ସାମିଲ ହୋଇଥିଲେ। ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା ଏବଂ ବାଣପୁର ଥାନା ଆଇଆଇସି ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ତାରାବେଶରେ ଦର୍ଶନ ଦେଲେ ମା'ଉଗ୍ରତାରା



ନିରାକାରପୁର,୧୪।୪
(ମାନସ ଚନ୍ଦ୍ର ପଟ୍ଟନାୟକ)

ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷରେ ମଙ୍ଗଳବାର ମା'ଉଗ୍ରତାରାଙ୍କ ସ୍ୱତନ୍ତ୍ର ପୂଜା ହୋଇଥିଲା। ଏହି ପରିପ୍ରେକ୍ଷୀରେ ସେବାୟତଙ୍କ ଦ୍ୱାରା ମା'ଉଗ୍ରତାରାଙ୍କୁ ପ୍ରତ୍ୟୁଷରୁ ଚୁଆ, ଚନ୍ଦନ, କର୍ପୁର ମିଶ୍ରିତ ସୁଶୀତଳ ଜଳରେ ସ୍ନାନ ପରେ ନୂତନ ବସ୍ତ୍ର ପିନ୍ଧାଯାଇଥିଲା। ପରେ ପୁଷ୍ପମାଲ୍ୟରେ ମା'ଉଗ୍ରତାରାଙ୍କୁ ତାରାବେଶରେ ସଜ୍ଜିତ କରାଯାଇଥିଲା। ସକାଳ ବାଲଧୂପରେ ପ୍ରଥମେ ବିଭିନ୍ନ ଫଳରେ ପ୍ରସ୍ତୁତି ପଣା ଓ ପରେ ଚୁଡାଘସା, ଡାଲମା ଓ ଖଇ, କୋରା ଆଦି ଶୁଖିଲା ଭୋଗ ଅର୍ପଣ କରାଯାଇଥିଲା। ମଧ୍ୟାହ୍ନ ଧୂପରେ ଅନ୍ନ, ଡାଲମା, ତରକାରୀ, ଶାଗ, କ୍ଷୀରି ଲାଗି କରାଯାଇଥିଲା। ସେହିପରି ସନ୍ଧ୍ୟାରେ ସନ୍ଧ୍ୟା ଆଳତି ପରେ ମା'ଙ୍କୁ ପୁରି, ଛେନା, ତରକାରୀ ଭୋଗ ଲାଗି କରାଯାଇଥିବା ପୂଜକ ଦେବୀ ପ୍ରସାଦ ସାମନ୍ତରାୟ କହିଛନ୍ତି। ମା'ଙ୍କର ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ମହାପାଟଦେଇ କାଳିକାଦେବୀ ମହୋତ୍ସବ ଉଦ୍‌ଯାପିତ




ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବେଗୁନିଆ,୧୪।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ଦୁର୍ଗାମଣ୍ଡପ ନିକଟରେ ଚାଲିଥିବା ତୃତୀୟ ବାର୍ଷିକ ମହାପାଟଦେଇ କାଳିକାଦେବୀ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦୁର୍ଗାପୂଜା କମିଟିର ସଭାପତି ସୁଶାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ଏବଂ ଲୋକନାଥ ଜେନାଙ୍କ ସଂଯୋଜନାରେ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଦିଲୀପ କୁମାର ପଟ୍ଟନାୟକ, ମହେନ୍ଦ୍ର ନାୟକ, ବାବୁଲା ସାହୁ, ଲିଙ୍ଗରାଜ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ମହୋତ୍ସବ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସ୍ଥାନୀୟ କଳାକାର, ନାଳନ୍ଦା ପବ୍ଲିକ୍ ସ୍କୁଲ୍‌ର ଛାତ୍ରୀଛାତ୍ର, ବିଏମ୍ ଭାଗବତଙ୍କ ଦ୍ୱାରା ଭଜନ, ଓଡ଼ିଶା କଳା ସଂସ୍କୃତି ବିଭାଗ ପକ୍ଷରୁ ଗଞ୍ଜାମ ଶ୍ରୀବାଲୁଙ୍କେଶ୍ୱର ପଶୁମୁଖା ଘଣ୍ଟ ମୃଦଙ୍ଗ ପାର୍ଟି ଓ ବୌଦ୍ଧ କଟକଟିଆ ସମ୍ବଲପୁରୀ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମକୁ ବିଶ୍ୱନାଥ ସୁନ୍ଦରାୟ, କ୍ଷୀରୋଦ ପରିଡ଼ା, ଶିକ୍ଷକ ସରୋଜ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ତାଲା ଭାଙ୍ଗି ୫ ଲକ୍ଷ, ସୁନାଗହଣା ନେଇଗଲେ

ବୋଲଗଡ଼,୧୪।୪(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିଚାଲିଛି। ରବିବାର ରାତିରେ ବାଙ୍କୋଇ ଫାଣ୍ଡି ଅଧୀନ ପାନନଗର ଗ୍ରାମର ସୁନୀଲ କୁମାର ନାୟକଙ୍କ ଘର ପଛପଟ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୫ ଲକ୍ଷ ଟଙ୍କା ସହିତ ସୁନାଗହଣା ଚୋରିକରି ନେଇଯାଇଛନ୍ତି। ଏନେଇ ସୁନୀଲଙ୍କ ଅଭିଯୋଗକ୍ରମେ ବୋଲଗଡ଼ ଥାନା ଅଧିକାରୀ ସୁକାନ୍ତ ଦଳେଇ, ବାଙ୍କୋଇ ଫାଣ୍ଡି ଅଧିକାରୀ ମିହିର ମହାପାତ୍ର ପ୍ରମୁଖ ପହଞ୍ଚି ତଦନ୍ତ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଅନୁସନ୍ଧାନ କରାଯାଇଛି। ଥାନା ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ଜାରି ରହିଥିବା ବେଳେ ଏହାକୁ ବଢ଼ାଇବାକୁ ଦାବି ହେଉଛି। ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର ଚୋରି ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି। ଗତ ସପ୍ତାହରେ ଜଣେ ଖବରଦାତାଙ୍କ ଘରର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଓ ସୁନାରୁପା ଅଳଙ୍କାର ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଥିଲା।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବାଘମାରୀ,୧୪।୪
(ମିହିର ରଞ୍ଜନ ମହାପାତ୍ର)

୫୭ ନମ୍ବର ଜାତୀୟ ରାଜପଥର ବାଘମାରୀସ୍ଥିତ ଏକ ଇଟା ଫ୍ୟାକ୍ଟ୍ରି ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଳାହାଣ୍ଡି ଜିଲା ଆମ୍ରପାଲି ଅଞ୍ଚଳର ମହିନ୍ଦ୍ର ଭୋଇ(୪୨)। ସେ ଖୋର୍ଦ୍ଧା ନିକଟସ୍ଥ ଏକ ରାଇସ୍ ମିଲ୍‌ରେ କାମ କରୁଥିଲେ ବୋଲି ଜଣାପଡ଼ିଛି। ବାଘମାରୀ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା (ନଂ.୧୦୯/୨୬) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

## କବିତା ପାଠ କରି ଓଡ଼ିଆ ନବବର୍ଷ ପାଳିଲେ

ବେଗୁନିଆ/ ବୋଲଗଡ଼, ୧୪।୪
(ହରପ୍ରସନ୍ନ ପଣ୍ଡା/ ଦେବବ୍ରତ ହୋତା)

ଓଡ଼ିଆ ନବବର୍ଷ ପାଳନ ଅବସରରେ ମଙ୍ଗଳବାର କବିତା ପାଠ ଏବଂ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ସଦର ମହକୁମାସ୍ଥିତ ଆଦର୍ଶ କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନାଟ୍ୟକାର ଡ. ବନବିହାରୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତାଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଏବଂ ଇଂ. ରାମ ମାନସ ପଣ୍ଡା, କବିକେତନ ଗୌରଚରଣ ସାମନ୍ତସିଂହାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଜୟ ବଜରଙ୍ଗବାଲିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସବିତା ରାୟଙ୍କ ଅଧ୍ୟକ୍ଷତାରେ କବୟିତ୍ରୀ ମାନସୀ ଦାସଙ୍କ ସଙ୍ଗୀତ ଗାନ ପରେ ଆୟୋଜିତ କବିତା ପାଠରେ ଗାୟକ ବସନ୍ତ କୁମାର ଦାସ, କବି ରାମଚନ୍ଦ୍ର ବେହେରା, ପଣ୍ଡିତ ଦୀନବନ୍ଧୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କବିତା ପାଠରେ ପ୍ରଧାନ ଶିକ୍ଷକ ଦିବାକର ସାହୁ, ଶିକ୍ଷାବିତ୍ ଶରତ କୁମାର ପଣ୍ଡାଙ୍କ ସମେତ ବହୁ କବୟିତ୍ରୀ ଓ କବି ଅଂଶଗ୍ରହଣ କରିଥିଲେ। ରାମଚନ୍ଦ୍ର ସାହୁ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବୋଲଗଡ଼ସ୍ଥିତ ରୟାଲ କୋଚିଂ ସେଣ୍ଟରଠାରେ ପାଞ୍ଚଗଡ଼ ସୃଜନଶୀଳ ସମିତି ଆନୁକୂଲ୍ୟରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ସମିତି ସଭାପତି ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଥାନାଧିକାରୀ ସୁକାନ୍ତ କୁମାର ଦଳେଇ, ମୁଖ୍ୟ ବକ୍ତା ଶିକ୍ଷାବିତ୍ କାଳୀଚରଣ ଜୟସିଂହ, ସମ୍ମାନିତ ଅତିଥି ପରିବେଶବିତ୍ ଧନେଶ୍ୱର ବିଧାର, ଡା.ମଧୁମିତା ଷଡ଼ଙ୍ଗୀ, ଶିକ୍ଷକ ନେତା କୁନା ମହନ୍ତ, ପୂର୍ବତନ ଶିକ୍ଷାଧିକାରୀ ପୁରେନ୍ଦ୍ର ବେହେରା, ପଦ୍ମଚରଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ମନମୋହନ କହଲସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫୁଲ୍ଲ କୁମାର ସିଂହ ସଂଯୋଜନା କରିଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ ପରେ ଓଡ଼ିଆ ନବବର୍ଷ ସମ୍ପର୍କିତ ସ୍ୱରଚିତ କବିତା ପାଠ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ସମିତି ଉପସଭାପତି ନିରଞ୍ଜନ ନାୟକ, ସମ୍ପାଦକ ସମ୍ବିତ କେଦାର କର, ଯୁଗ୍ମସମ୍ପାଦକ ଶିଶିର ମହାପାତ୍ର, ସଭ୍ୟ ଅବିନାଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। କ୍ଷେତ୍ରବାସୀ ରଣା, ଇଂ.କର୍ପୁର ସାହୁ, ସୁକାନ୍ତ ଜେନା, ଭିକାରୀ ପୁଷ୍ଟି, ବିଭୁପ୍ରସାଦ ମହାପାତ୍ର, ଲୋକନାଥ ସାହୁ, ଅଞ୍ଜନ ଜୟସିଂହ, ପ୍ରଫୁଲ୍ଲ ଦାସ, ଦୁର୍ଗା ପ୍ରସାଦ ସୁବୁଦ୍ଧି, ବିଜୟ ସାହୁ, ଶୈଳେନ ପଟ୍ଟନାୟକ, ଅଶୋକ ଦାସ, ଅନୀତା ପ୍ରିୟଦର୍ଶିନୀ, ଉଷାରାଣୀ ସେନାପତି, ଶୈବାଳିକା ମଲ୍ଲିକ, ଗାୟତ୍ରୀ ସାମନ୍ତରାୟ ପ୍ରମୁଖ ନବବର୍ଷ ପାଳନ କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ଅର୍ପିତ ଅଚ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ନବବର୍ଷ




ସମ୍ମିଳନୀରେ ଯୋଗଦେଇଥିବା ସଦସ୍ୟମାନେ।

ଖୋର୍ଦ୍ଧା,୧୪।୪(ପ୍ରଭାତ ପାଣିଗ୍ରାହୀ)

ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଅଧିବକ୍ତା ଶିବସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଆ ନବବର୍ଷ ପାଳନର ଆଭିମୁଖ୍ୟ, ଓଡ଼ିଆ ପରମ୍ପରା, ଓଡ଼ିଆ ଭାଷାର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଶିକ୍ଷାବିତ୍ ଭୀମସେନ ପ୍ରଧାନ ଓଡ଼ିଆ ଭାଷାର ଅଧଃପତନ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି କୋଷାଧ୍ୟକ୍ଷ ଡ.ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଓଡ଼ିଶା ସରକାର ଓଡ଼ିଆ ଅସ୍ମିତା ପକ୍ଷ ପାଳନ ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋକୁ ବାଦ୍ ଦେବା ପ୍ରସଙ୍ଗ ଉଲ୍ଲେଖ କରି ଏହାର ତୀବ୍ର ପ୍ରତିବାଦ କରିଥିଲେ। ଖବରଦାତା ସମରେନ୍ଦ୍ର ବଳିୟାରସିଂହ, ଅନ୍ୟତମ ବକ୍ତା କୃଷ୍ଣଚନ୍ଦ୍ର ହରିଚନ୍ଦନ ଉତ୍କଳ ସମ୍ମିଳନୀ କାର୍ଯ୍ୟକ୍ରମ ବିଭିନ୍ନ ବିଦ୍ୟାଳୟରେ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍କଳ ସମ୍ମିଳନୀର ନିଷ୍ପତ୍ତିଗୁଡିକୁ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିବାକୁ ଉପଦେଶ ଦେଇଥିଲେ। ଅଧିବକ୍ତା ବିକ୍ରମ କେଶରୀ ସମ୍ପତ୍ତି ଉତ୍କଳ ଜନନୀ ବନ୍ଦନା ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ମିଶ୍ର, ଲକ୍ଷ୍ମୀଧର ବଡ଼ଜେନା, ସୁରେଶ ଚନ୍ଦ୍ର ବିଶ୍ୱାଳ, ଶଙ୍କର ସାହୁ, ଉମାଶଙ୍କର ପ୍ରସାଦ, ଡ.ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ, ନିତ୍ୟାନନ୍ଦ ଦାଶ, ବିଶ୍ୱନାଥ ମହାରଣା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡମଣଭୂମିରେ ମହାପ୍ରଭୁଙ୍କ ୨୪ ବେଶ ପ୍ରଦର୍ଶନୀ




ନିରାକାରପୁର,୧୪।୪
(ମାନସ ଚନ୍ଦ୍ର ପଟ୍ଟନାୟକ)

ଡମଣଭୂମି ଗ୍ରାମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୨୪ ବେଶ ପ୍ରଦର୍ଶନୀ ଆରମ୍ଭ ହୋଇଛି। ପାଟଭଗତା ସୌନ୍ଦର୍ଯ୍ୟ କୁମାର ଜଗଦ୍ଦେବଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଦିବସରେ ସାମାଜିକ କର୍ମୀ ବିନୋଦ କୁମାର ଭୋଳ, ପ୍ରଶାନ୍ତ କୁମାର ଜଗଦ୍ଦେବ, ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ଭୋଳ, ସମିତିସଭ୍ୟ ନେତ୍ରାନନ୍ଦ ପ୍ରଧାନ, ସଚ୍ଚିନ୍ଦ୍ର କୁମାର ଜଗଦ୍ଦେବ, ସଞ୍ଜୟ କୁମାର ଜଗଦ୍ଦେବ, ସ୍ୱର୍ଣ୍ଣ କୁମାର ବିଧାର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଡମଣଭୂମି ଗ୍ରାମବାସୀ ଏବଂ ସମସ୍ତ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଆ ନବବର୍ଷ, ଆମ୍ବେଦ୍‌କର ଜୟନ୍ତୀ



ଖୋର୍ଦ୍ଧା,୧୪।୪(ପ୍ରଭାତ ପାଣିଗ୍ରାହୀ)

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଏଥିସହିତ ଭାରତରତ୍ନ ବାବାସାହେବ ଭୀମରାଓ ରାମ୍‌ଜୀ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମଞ୍ଚ ସଭାପତି ବିଧାନ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। କବି ଜୟକୃଷ୍ଣ ବାରିକଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ରାଜକିଶୋର ବଳିୟାରସିଂହ, ବନବିହାରୀ ପଟ୍ଟନାୟକ, ସୌଦାମିନୀ ପଟ୍ଟନାୟକ, ଗୟାଧର ମିଶ୍ର, ମହେନ୍ଦ୍ର ଦାସ, ପ୍ରଫୁଲ୍ଲ ସାହୁ, ପୂର୍ଣ୍ଣ ଚନ୍ଦ୍ର ବରାଳ, ବିନାୟକ ପାଇକରାୟ, ଡା.ବାସୁଦେବ ପାତ୍ର, ବୈକୁଣ୍ଠନାଥ ରାଜଗୁରୁ, ଦିବାକର ମୁଦୁଲି, କବିତାରାଣୀ ମିଶ୍ର, ବିଜୟ ସାମନ୍ତସିଂହାର, ହାଜି ନସୀମ ଉଦ୍ଦିନ ଖାଁ, ଅନସୂୟା ସାମନ୍ତରାୟ, ଭୁବନେଶ୍ୱର ମିଶ୍ର, ସ୍ୱର୍ଣ୍ଣରେଣୁ ପଟ୍ଟନାୟକ ସ୍ୱରଚିତ କବିତା ପାଠ କରିଥିଲେ ଏବଂ ବିଷୁବ କବିତା ସଂକଳନ ଉନ୍ମୋଚନ ହୋଇଥିଲା। ଜାତିର ପରିଚୟ ଭାଷା ଓ ଯେଉଁ ସାହିତ୍ୟରେ ସଂଘର୍ଷ, ତ୍ୟାଗ, ସଫଳତାର ଗାଥା ନାହିଁ ସେହି ଜାତିର ସମ୍ମାନ ନ ଥାଏ ବୋଲି ସମ୍ପାଦକ ରାମଶଙ୍କର କହିଥିଲେ। ହରମୋହନ ମହାପାତ୍ର, କ୍ଷେତ୍ରବାସୀ ସାହୁ, ଶରତ କୁମାର ସାହୁ, ଗୋବିନ୍ଦ ଚନ୍ଦ୍ର ଦାଶ, ଗଦାଧର ଗୋଛି, ଗଗନ ବିହାରୀ ପାଣିଗ୍ରାହୀ, ସମରେନ୍ଦ୍ର ମିଶ୍ର, ରବିନାରାୟଣ ପାଇକରାୟ, ରତ୍ନାକର ରଣସିଂହ, ନବୀନ ସାମନ୍ତସିଂହାର, ଜୟକୃଷ୍ଣ ନାୟକ ପ୍ରମୁଖ ସଭା ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଏବଂ ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

## ୭୯ତମ ପଣାଯାତ୍ରା ଆରମ୍ଭ

କୃଷ୍ଣପ୍ରସାଦ,୧୪।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଟିଟିପ ପଞ୍ଚାୟତର ଦେଉଳପଡ଼ାଠାରେ ୩୫ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ୭୯ତମ ପଣାଯାତ୍ରା ଆରମ୍ଭ ହୋଇଛି। ମୁଖ୍ୟ ପୀଠାଧୀଶ କମଳେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମରୁ ୧୭୦ଠାକୁର ସୁସଜ୍ଜିତ ବିମାନରେ ପଟୁଆରରେ ଆସି ପଣାଯାତ୍ରା ପଡ଼ିଆରେ ପହଞ୍ଚି ନିଜ ନିଜ ଆସନରେ ବିରାଜମାନ କରିଛନ୍ତି। ଉପସ୍ଥିତ ବହୁ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିଥିଲେ। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ସମ୍ପାଦକ ଦିଲୀପ କୁମାର ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଏହା ୬ଦିନ ଧରି ଚାଲିବ ବୋଲି ଜଣାପଡ଼ିଛି। ମନୋରଞ୍ଜନ ପାଇଁ ପାଲା, ସଂକୀର୍ତ୍ତନ, ପାଇକ ଆଖଡ଼ା, ଆତସବାଜି ପ୍ରତିଯୋଗିତା ହୋଇଥାଏ। ଦୁଇଟି ଗଣନାଟ୍ୟ ନାଟ୍ୟ ପରିବେଷଣ କରିଥାନ୍ତି। ଏହି ଯାତ୍ରାରେ ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ଗଜପତି, ନୟାଗଡ଼, କଟକ ଜିଲାର ବ୍ୟବସାୟୀ, ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେବା ଯୋଗାଇ ଦିଆଯିବା ସହ ଶତାଧିକ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି। ଅମାନିଆଙ୍କୁ ସାବାଡ଼୍ କରିବା ପାଇଁ କମିଟି ପକ୍ଷରୁ ଏକ ଅସ୍ଥାୟୀ ହାଜତ କରାଯାଇଛି। ବିଶୃଙ୍ଖଳିତ ବ୍ୟକ୍ତିଙ୍କୁ ରାତିସାରା ହାଜତରେ ରଖାଯିବା ସହ ମୁଚୁଲିକାନାମା ପରେ ଛାଡ଼ି ଦିଆଯାଇଥାଏ। ଯାତ୍ରା ସରିଯାଏ ହେଲେ ଏକ ମାସ ଧରି ବ୍ୟବସାୟୀମାନେ ଏଠାରେ ବ୍ୟବସାୟ କରିଥାନ୍ତି। ଶାନ୍ତିଶୃଙ୍ଖଳା ପାଇଁ ପଡ଼ିଆରେ ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିବା ବେଳେ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଦ୍ରୋନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।



## ସଂକ୍ଷେପରେ

### ଝାମୁରେ ଝୁମିଲେ କାଳିଶି

ଚୌଦ୍ୱାର,୧୪।୪(ଆଶୁତୋଷ ଦାସ)

ଚୌଦ୍ୱାରର ବିଭିନ୍ନ ମନ୍ଦିରରେ ଓଡ଼ିଆ ନବବର୍ଷ ତଥା ପଣାସଂକ୍ରାନ୍ତି ଅବସରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା ୧୭ ନଂ. ୱାର୍ଡସ୍ଥିତ ସୁଇପର କଲୋନୀ ବସ୍ତିର ଗ୍ରାମ ଦେବତୀ ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଟୁଆମାନେ ମା'ଙ୍କ ପୂଜାର୍ଚ୍ଚନା ପରେ ମଙ୍ଗଳାଙ୍କ ନିକଟରେ ତିଆରି ହୋଇଥିବା ଝାମୁ ନିଆଁରେ ଚାଲିବା ଦୃଶ୍ୟ ଶ୍ରଦ୍ଧାଳୁମାନେ ଭକ୍ତିର ସହ ଦର୍ଶନ କରିବା ସହ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ହରିଅନ୍ତା ପଞ୍ଚାୟତ ଦପ୍ତରୀ ଗ୍ରାମରେ ଆୟୋଜିତ ଝାମୁଯାତ୍ରାରେ କାଳିଶିମାନେ ଅଗ୍ନିରେ ଚାଲିବା, ଖଣ୍ଡା ଓ ତ୍ରିଶୂଳରେ ଛିଡା ହେବା ସହିତ କଣ୍ଟାରେ ଗଡିବା ଦୃଶ୍ୟ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଅନୁରୂପ ଭାବେ ଇନ୍ଦ୍ରାଣୀପାଟଣା ପଞ୍ଚାୟତ ଚଷାପଡା ଓ ନଖରା ପଞ୍ଚାୟତ ଅଙ୍ଗଦରାଡିହ ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି।

### କଟକ ସଦର କଂଗ୍ରେସ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ

କଟକ ସଦର,୧୪।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ୪୨ ମୌଜାସ୍ଥିତ ବେଣ୍ଟକାରଠାରେ ମଙ୍ଗଳବାର ବାବା ସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଟକ ସଦର ବ୍ଲକ କଂଗ୍ରେସ କମିଟି ସଭାପତି ସୀତାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ କଟକ ଜିଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ ଯୋଗଦେଇଥିଲେ। ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଅର୍ପଣ କରିବା ସହିତ ବାବା ସାହେବଙ୍କ ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ମୁଖ୍ୟ ବକ୍ତା ଭାବେ କଟକ ସଦର କଂଗ୍ରେସର ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବିପିନ ବିହାରୀ ପଶାୟତ, ଉଗ୍ରସେନ ଭୂୟାଁ, ଦୁର୍ଗା ଶଙ୍କର ଦାଶ, ମଧୁସୂଦନ ସେନାପତି, ରବୀନ୍ଦ୍ରନାଥ ଦାସ ପ୍ରମୁଖ ଯୋଗଦେଇଥିଲେ।

### ବିଭିନ୍ନ ସ୍ଥାନରେ ଜଳଦାନ କେନ୍ଦ୍ର ଉଦ୍‌ଘାଟିତ

ଚୌଦ୍ୱାର,୧୪।୪(ଆଶୁତୋଷ ଦାସ)

ଚୌଦ୍ୱାର ସହରର ବିଭିନ୍ନ ସ୍ଥାନରେ ବିଷୁବ ସଂକ୍ରାନ୍ତିରେ ଜଳଦାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ତଥା ପୌର କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ପ୍ରତିଷ୍ଠା କରାଯାଇ ପଥଚାରୀମାନଙ୍କୁ ଜଳଦାନ କରାଯାଇଛି। ସତ୍ୟସାଇ ସେବା ସମିତି ପକ୍ଷରୁ ଥର୍ମାଲ ରୋଡ୍‌ସ୍ଥିତ ସାଇ ମନ୍ଦିର ସମ୍ମୁଖରେ ଏକ ଜଳଦାନ କେନ୍ଦ୍ର ଖୋଲାଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ଉଦ୍ଧାର ଫାଉଣ୍ଡେଶନ ପକ୍ଷରୁ କଳିଙ୍ଗ ଛକସ୍ଥିତ କିଶୋର ନିଶାମୁକ୍ତି ପୁନର୍ବାସ କେନ୍ଦ୍ରଠାରେ ଖୋଲାଯାଇଥିବା ଜଳସେବା କେନ୍ଦ୍ରକୁ କଟକ ମାତାମଠସ୍ଥିତ ରାମକୃଷ୍ଣ ମିଶନ୍ ଶାଖାର ସ୍ୱାମୀ ଜୀବନାଥନନ୍ଦ ମହାରାଜ ଓ ଉଦ୍ଧାର ଫାଉଣ୍ଡେଶନର ଟ୍ରଷ୍ଟି ଭାରତୀ ଦାସ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରରେ ପ୍ରତିଦିନ ତୃଷାର୍ତ୍ତମାନଙ୍କୁ ଦହି ଓ ଗ୍ଲୁକୋଜ ପାଣି ଏକମାସ ଧରି ବିତରଣ କରାଯିବ ବୋଲି ଫାଉଣ୍ଡେଶନ ମୁଖ୍ୟ ନରୋତ୍ତମ ଦାସ ସୂଚନା ଦେଇଛନ୍ତି। ଉଦ୍ଧାର ଫାଉଣ୍ଡେଶନ ଓ ରାମକୃଷ୍ଣ ମିଶନ୍ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବରିଷ୍ଠ ନାଗରିକ ଖୋଲିଲେ ଜଳସେବା କେନ୍ଦ୍ର

କଣ୍ଟାପଡ଼ା,୧୪।୪(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କଣ୍ଟାପଡା ଆଞ୍ଚଳିକ କାର୍ଯ୍ୟାଳୟଠାରେ ୩୦ ଦିନିଆ ଜଳସେବା କେନ୍ଦ୍ର ମହାବିଷୁବ ସଂକ୍ରାନ୍ତିରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ତୃଷାର୍ତ୍ତ ପଥଚାରୀମାନଙ୍କୁ ଥଣ୍ଡା ପାନୀୟଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ଖୋଲାଯାଇଥିବା ଜଳସେବା କେନ୍ଦ୍ରକୁ ସଙ୍ଗଠନ ସଭାପତି ପଦ୍ମନାଭ ମହାନ୍ତି, ସମ୍ପାଦକ ଫଣୀଭୂଷଣ ମହାନ୍ତି, ସହସମ୍ପାଦକ ଅଭିମନ୍ୟୁ ବେହେରା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ବରିଷ୍ଠ ସଦସ୍ୟ ଶିବଲାଭ ବେହେରା, କୋଷାଧ୍ୟକ୍ଷ କେଦାରନାଥ ମିଶ୍ର, ଅଭିଯୋଗ କମିଟି ସଦସ୍ୟ ଚନ୍ଦ୍ର ଶେଖର ଦାସଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। ଉକ୍ତ ଜଳସେବା କେନ୍ଦ୍ରକୁ ପ୍ରଭାକର ବାରିକ, ଲଛମନ ସାମଲ, ଭଗବାନ ସାହୁ, ଶିବଲାଭ ବେହେରା ଏବଂ ଲକ୍ଷ୍ମୀଧର ବେହେରା ପ୍ରମୁଖ ପରିଚାଳନା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।



ପଣା ସଂକ୍ରାନ୍ତି ଅବସରରେ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ବାହାରିଥିବା ହିନ୍ଦୁ ସଙ୍କଳ୍ପ ଯାତ୍ରା।



ହିନ୍ଦୁ ସେନା ପକ୍ଷରୁ ବାହାରିଥିବା ମହାବୀର ଧ୍ୱଜା ଯାତ୍ରା। (ଫଟୋ: ରାଜକିଶୋର ମହାନ୍ତି)

# ଜୟ ହନୁମାନ ଧ୍ୱନିରେ କମ୍ପିଲା ସହର

କଟକ,୧୪।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକରେ ମଙ୍ଗଳବାର ଓଡ଼ିଆ ନବବର୍ଷ ସହ ମହାବିଷୁବ ସଂକ୍ରାନ୍ତି ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏହି ଅବସରରେ ମନ୍ଦିରଗୁଡ଼ିକୁ ଆଲୋକମାଳା ଓ ପୁଷ୍ପରେ ସଜା ଯାଇଥିଲା। ସକାଳୁ ଖାନନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର, ଡ଼ଗରପଡ଼ା ହନୁମାନ ମନ୍ଦିର, ଝାଞ୍ଜିରୀମଙ୍ଗଳା ହନୁମାନ ମନ୍ଦିର, ଭଗତପୁର ହନୁମାନ ମନ୍ଦିର, ତେଲେଙ୍ଗା ବଜାର ସମେତ ବିଭିନ୍ନ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଲୋକେ ପରସ୍ପରଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ପଣା ପିଇ ଅନ୍ୟଙ୍କୁ ବାଣ୍ଟିଥିଲେ। ପଞ୍ଚମୁଖୀ ହନୁମାନ ମନ୍ଦିରରେ ଦୁଇଦିନ ଭଜନ ସମାରୋହ ବ୍ୟବସ୍ଥା କରାଯାଇଛି। ସେହିପରି ଭଗତପୁର ହନୁମାନ ମନ୍ଦିରରେ ହୋମ ଯଜ୍ଞ ସହ ୧୦୮ ହନୁମାନ ଚାଳିଶା ଜପ କରାଯାଇଥିଲା। ସନ୍ଧ୍ୟାରେ ହନୁମାନଙ୍କ ମୁଖା ବାହାରି ସହର ପରିକ୍ରମା କରିଥିଲା। ମନ୍ଦିରରେ ଶାନ୍ତିଶୃଙ୍ଖଳାର ସହ ଠାକୁରଙ୍କୁ ଯେପରି ଦର୍ଶନ କରି ପାରିବେ ସେନେଇ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବା ସହ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅନ୍ୟପଟେ ଓଡ଼ିଆ ନବବର୍ଷ ଅବସରରେ କଟକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଜୟ ହନୁମାନ ଓ ଜୟଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ସହର। ତିନି ପ୍ରମୁଖ







ସଙ୍ଗଠନ ହିନ୍ଦୁସେନା, ହିନ୍ଦୁ ଜାଗରଣ ମଞ୍ଚ ଓ ପୂର୍ବାଞ୍ଚଳ ହିନ୍ଦୁ ସେନା ପକ୍ଷରୁ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ତିନି ସଙ୍ଗଠନକୁ ଭିନ୍ନ ଭିନ୍ନ ରୁଟ୍ ଓ ସମୟ ନିର୍ଦ୍ଧାରଣ କରାଯାଇଥିଲା। ପ୍ରଥମେ ପୂର୍ବାଞ୍ଚଳ ହିନ୍ଦୁ ସେନା ପକ୍ଷରୁ ଚାଉଳିଆଗଞ୍ଜ ଖେଳ ପଡ଼ିଆରୁ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ନୂଆପଡ଼ା, ଖାନନଗର, ମଲାଚଣ୍ଡିଆ ଛକ, ଦେବୀଗଡ଼ା ଦେଇ ଚୌଧୁରୀ ବଜାରସ୍ଥିତ ମାରୁତି ମଣ୍ଡପରେ ପହଞ୍ଚିଥିଲା। ଦ୍ୱିତୀୟରେ ହିନ୍ଦୁସେନା ପକ୍ଷରୁ ମାରୁତୀ ମଣ୍ଡପରୁ ଶୋଭାଯାତ୍ରା ବାହାରି ନୟାସଡ଼କ, ନିମଚୌଡ଼ି, ଚାନ୍ଦିନୀଚୌକ, ମହମ୍ମଦିଆବଜାର, ଚଣ୍ଡୀଛକ, ବକ୍ସିବଜାର, ବାରପଥର, ମେରିଆବଜାର, କେଶରପୁର, ବଜ୍ରକବାଟୀ ଦେଇ ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ସେହିପରି ଶେଷରେ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ କଲେଜଛକରୁ ଶୋଭାଯାତ୍ରା ବାହାରି ରିଂବନ୍ଧ ଦେଇ ବାରବାଟୀ ଷ୍ଟାଡ଼ିୟମ ନିକଟରେ ଶେଷ ହୋଇଥିଲା। ପ୍ରାୟ ଦୁଇଘଣ୍ଟାରେ ତିନୋଟି ଶୋଭାଯାତ୍ରା ସହର ହେବାକୁ ଥିବାବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଶୋଭାଯାତ୍ରା ପାଇଁ କଟକରେ ୩୫ ପ୍ଲାଟୁନ ପୋଲିସ ଫୋର୍ସ ସହ ବିଏସ୍‌ଏଫ୍‌ର ଏକ କମ୍ପାନୀ ଫୋର୍ସ ମୁତୟନ କରାଯାଇଥିଲା। ଏହାସହ ପ୍ରାୟ ୨ଶହ ଅଫିସର ସୁରକ୍ଷା ଦାୟିତ୍ୱକୁ ତଦାରଖ କରିଥିଲେ। ଶୋଭାଯାତ୍ରା ଯେଉଁ ରୁଟ୍ ଦେଇ ଅତିକ୍ରମ କରିଥିଲା, ସେହି ଅଞ୍ଚଳର ଦୋକାନ ବଜାର ବନ୍ଦ କରାଯାଇଥିଲା।

**ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି, ସହରରେ ୩୫ ପ୍ଲାଟୁନ ପୋଲିସ ଫୋର୍ସ**

## ବିଭିନ୍ନ ମନ୍ଦିରରେ ହନୁମାନ ଜୟନ୍ତୀ, ପଣାସଂକ୍ରାନ୍ତି ପାଳିତ

ଖୁଣ୍ଟୁଣୀ,୧୪।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଅଞ୍ଚଳର ବିଭିନ୍ନ ହନୁମାନ ମନ୍ଦିରରେ ହନୁମାନଙ୍କ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ଖୁଣ୍ଟୁଣୀ ମହାଦେବ ସାହି ହନୁମାନ, ଦେବୀ ବଜାର ପଞ୍ଚମୁଖୀ ହନୁମାନ, ରାମନଗର, ତୋଟାପଡା, କୁଲାଇଲୋ, କପୁରସିଂ, ଧୁରୁଷିଆ, ରାଧାକିଶୋରପୁର, ଗୁରୁଡ଼ିଝାଟିଆ ଆଦି ସ୍ଥାନରେ ଓଡ଼ିଆ ନୂଆବର୍ଷ ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ତୋଟାପଡାଠାରେ ଝାମୁଯାତ୍ରା ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଝାମୁଯାତ୍ରାକୁ ଶହଶହ ଲୋକ ଉପଭୋଗ କରିବା ସହିତ ପଣା ପ୍ରସାଦ ପାଇଥିଲେ। ସମସ୍ତ ହନୁମାନ ମନ୍ଦିରରେ ଦିନତମାମ ହନୁମାନ ଚାଳିଶା ପାଠ, ହୋମ ଆଦି ଅନୁଷ୍ଠିତ ହୋଇଥିଲା। ସେହିପରି ଦେବୀପୀଠ ମା' କନକଦୁର୍ଗାଙ୍କ ପୀଠ ସମେତ ଅଞ୍ଚଳରେ ଥିବା ସମସ୍ତ ଦେବୀ ପୀଠରେ ମଧ୍ୟ ଓଡ଼ିଆ ନବବର୍ଷ ପାଇଁ ନୂତନ ପାଞ୍ଜି ପୂଜା ଓ ପଣା ପର୍ବ ପାଳିତ ହୋଇଯାଇଛି।

## ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ସଂସଦ ପକ୍ଷରୁ ବିଷୁବ ମିଳନ

ଖୁଣ୍ଟୁଣୀ,୧୪।୪(ସଚ୍ଚିଦାନନ୍ଦ ପଣ୍ଡା)

ରାଧାଦାମୋଦପୁର (କଣ୍ଟାବନ୍ଧ)ସ୍ଥିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ସଂସଦ ପକ୍ଷରୁ ମହାବିଷୁବ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ମଙ୍ଗଳବାର ବିଷୁବ ମିଳନ ପାଳିତ ହୋଇଯାଇଛି। ଏହି ଅବସରରେ ଆଠଗଡ଼ ମିଡିଆ ହାଉସ ସଭାପତି, ସମ୍ପାଦକ, କାର୍ଯ୍ୟକାରୀ ସଭାପତି, ଉପସଭାପତି, କୋଷାଧ୍ୟକ୍ଷ ଓ ସମସ୍ତ ମିଡିଆ ହାଉସର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ମହାଦେବ ମୋଟର୍ସ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ସଂସଦ ସଭାପତି ତଥା ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ ରାଜ୍ୟ ଉପସଭାପତି ସୁରେଶ କୁମାର ମିଶ୍ର ଯୋଗଦେଇ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷରେ ଉପସ୍ଥିତ ଗଣମଧ୍ୟମ ପ୍ରତିନିଧିଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିଷୁବ ମିଳନ ଉପରେ ଆଲୋକପାତ କରିଥିଲେ। ସ୍ମୃତି ସଂସଦ ସଭାପତି ସୁରେଶ କୁମାର ମିଶ୍ର ଓ କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମିଶ୍ର (ଚିନୁ) କାର୍ଯ୍ୟକ୍ରମରେ ଉପସ୍ଥିତ ଆଠଗଡ଼ ମିଡିଆ ହାଉସର ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ପଣା ଆସରରେ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆପ୍ୟାୟିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ମୃତି ସଂସଦ କର୍ମକର୍ତ୍ତା ମହାଦେବ ମିଶ୍ର, ସୂର୍ଯ୍ୟକାନ୍ତ ସାହୁ, ଅକ୍ଷୟ ରଣା, ଉମେଶ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଜୀବନୀ ପୁସ୍ତକ 'ମାଇଁ ଜର୍ନି ଇନ୍ ଲାଇଫ୍ ଆଣ୍ଡ ଲ' ଉନ୍ମୋଚିତ

କଟକ,୧୪।୪(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ପୂର୍ବତନ ବରିଷ୍ଠ ବିଚାରପତି ବିମଳ ପ୍ରସାଦ ଦାସଙ୍କ ଆତ୍ମଜୀବନୀ 'ମାଇଁ ଜର୍ନି ଇନ୍ ଲାଇଫ ଆଣ୍ଡ ଲ' ଚହଟାସ୍ଥିତ ହୋଟେଲ ପ୍ରମୋଦ ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି। ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଗୋପାଳ ବଲ୍ଲଭ ପଟ୍ଟନାୟକ ପୁସ୍ତକକୁ ଉନ୍ମୋଚନ କରି କହିଲେ, ଜଣେ ସଫଳ ବିଚାରପତି ଭାବେ ଆଇନ ଜଗତକୁ ଜଷ୍ଟିସ ବିମଳ ପ୍ରସାଦ ଦାସଙ୍କ ଅବଦାନ ସୁଦୂରପ୍ରସାରୀ। ତାଙ୍କର ଆତ୍ମଜୀବନୀ ପୁସ୍ତକରେ ଭାରତ ଓ ଓଡ଼ିଶାର ଆଇନ ଧାରା, ଓଡ଼ିଶା ସାମାଜିକ ଜୀବନରେଖା, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ କଥା ବର୍ଣ୍ଣିତ। ଏହା ଜଣେ ବିଚାରପତିଙ୍କ ସଫଳ ଆତ୍ମଜୀବନୀ। ଇଷ୍ଟର୍ନ ମିଡିଆ ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଶଶୀକାନ୍ତ ମିଶ୍ର ଯୋଗଦେଇ କହିଲେ, ଜଷ୍ଟିସ ଦାସଙ୍କ ଆତ୍ମଜୀବନୀ ଗ୍ରାମୀଣ ଜୀବନ ଦର୍ଶନ ଠୁଁ କଟକ ସଂସ୍କୃତି ଐତିହ୍ୟ ଓ ଆଦର୍ଶ ଜୀବନ କାହାଣୀ ଉପରେ ପର୍ଯ୍ୟବେସିତ ହୋଇଛି। ସମ୍ମାନିତ ଅତିଥି ଓଡ଼ିଶା ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କହିଲେ, ଜଣେ ସଂସ୍କୃତି ସମ୍ପନ୍ନ ବିଚାରପତି ଭାବେ ଜଷ୍ଟିସ ଦାସଙ୍କ ସୁନାମ ରହିଛି। ମୁଖ୍ୟବକ୍ତା ଡ. ବିଜୟାନନ୍ଦ ସିଂହ କହିଲେ, ଜଷ୍ଟିସ ଦାସଙ୍କ ଆତ୍ମଜୀବନୀରେ ଓଡ଼ିଶାର ପୁରାତନ କାଳର ପ୍ରଥା, ପ୍ରଚଳିତ ବ୍ୟବସ୍ଥାର ବହୁ ଦିଗ ଉନ୍ମୋଚିତ ହୋଇଛି। ପ୍ରଫେସର ନଳିନୀ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଓ ବିଦ୍ୟାପୁରୀ ପ୍ରକାଶନ ସଂସ୍ଥାର ସ୍ୱତ୍ୱାଧିକାରୀ ଜୀବାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ। ସୁଲଗ୍ନା ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସ୍କାଉଟ୍ସ, ଗାଇଡ୍ସ ଶାଖା ପକ୍ଷରୁ ଜଳଛତ୍ର

କଟକ ସଦର,୧୪।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କାଉଟ୍ସ ଓ ଗାଇଡ୍ସ ଶାଖା ପକ୍ଷରୁ ମଙ୍ଗଳବାର ଉତ୍ତର ଶାସନ ପଞ୍ଚାୟତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଜଳଛତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭକ୍ତମାନଙ୍କୁ ଥଣ୍ଡା ପାନୀୟଜଳ ସ୍କାଉଟ୍ସ ଓ ଗାଇଡ୍ସ ପିଲାମାନେ ଦିନ ତମାମ ବଣ୍ଟନ କରିବା ସହ ଅଂଶୁଘାତ ପୀଡ଼ିତ ଭକ୍ତଙ୍କ ପ୍ରାଥମିକ ଉପଚାର ସହ ସେବା ଯୋଗାଇଥିଲେ। ସ୍କାଉଟ୍ସ ମାଷ୍ଟର ଶୁଭକାନ୍ତ ସାହୁ ଓ ରଞ୍ଜନ କୁମାର ନନ୍ଦ, ଗାଇଡ୍ସ କ୍ୟାପଟେନ ଅନସୂୟା ମହନ୍ତ ଓ ନିବେଦିତା ଓଝା, ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା, ନମିତା ପ୍ରଧାନ, ରଜସ୍ମିତା ବିଶ୍ୱାଳ, ଦିଲୀପ କୁମାର ଜେନା, ପ୍ରଭାତ ପ୍ରଧାନ, ଅନ୍ତର୍ଯ୍ୟାମୀ ବେହେରା, ଅନିତା ଶତପଥୀ ସମେତ ସମସ୍ତ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



## 'ଶିଶୁଙ୍କ ମାନସିକ ସ୍ୱାସ୍ଥ୍ୟ ଓ ଡିଜିଟାଲ ନିରାପତ୍ତା ସୁରକ୍ଷା ଜରୁରୀ'



କଟକ,୧୪।୪(କାର୍ତ୍ତିକ ସାହୁ)

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଚାଇଲଡ୍ ରାଇଟ୍ସର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜର୍ନାଲ ଅନ୍ ଦି ରାଇଟ୍ସ ଅଫ୍ ଦି ଚାଇଲ୍‌ଡ ଅଫ ନାସନାଲ ଲ' ୟୁନିଭର୍ସିଟି ଓଡ଼ିଶା ଉନ୍ମୋଚିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷା ବବିତା ପାତ୍ର ଓଡ଼ିଶାରେ ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟ ଓ ଡିଜିଟାଲ ନିରାପତ୍ତାର ସୁରକ୍ଷା ଜରୁରୀ ବୋଲି କହିଥିଲେ। ଅତିରିକ୍ତ ଡିଜିପି (ମହିଳା ଓ ଶିଶୁ ଅପରାଧ ନିରୋଧ ଶାଖା) ଶ୍ୟାମି ଏସ୍, ରିସର୍ଚ୍ଚ ଆଣ୍ଡ ନଲେଜ ଏକ୍ସଚେଞ୍ଜର ନିର୍ଦ୍ଦେଶକ ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ, ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଜର୍ନାଲର ସମ୍ପାଦକ ପ୍ରଫେସର ବେଦ କୁମାରୀ, ଭାରପ୍ରାପ୍ତ କୁଳପତି ପ୍ରଫେସର ରଙ୍ଗୀଣ ପଲ୍ଲବ ତ୍ରିପାଠୀ ଏବଂ ମୁଖ୍ୟମନ୍ତ୍ରୀ ଚେୟାର ପ୍ରଫେସର ତଥା ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ବୀରଜ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଓସେପା ଯୁଗ୍ମ ନିର୍ଦ୍ଦେଶକ ଡ. ସନ୍ତୋଷ ରାଉତ, ଓଡ଼ିଶା ଷ୍ଟେଟ ଚାଇଲଡ୍ ପ୍ରୋଟେକସନ୍ ସୋସାଇଟିର ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା, କଟକ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ସିଡବ୍ଲ୍ୟୁସିର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ଆଚାର୍ଯ୍ୟ, ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ଡ. ସନ୍ଧ୍ୟାରାଣୀ ପାଲ ଓ କିଟ୍ ସ୍କୁଲ ଅଫ୍ ଲ'ର ଉଦିତ୍ ନାରାୟଣ ମିଶ୍ରଙ୍କ ସମେତ ବିଭିନ୍ନ ଅଗ୍ରଣୀ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ଆମ୍ବେଡକରଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରେରିତ ହୁଅନ୍ତୁ

କଟକ,୧୪।୪(କାର୍ତ୍ତିକ ସାହୁ)

ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଭାରତୀୟ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଡ. ଭୀମରାଓ ରାମଜୀ ଆମ୍ବେଡକରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ହାଇକୋର୍ଟ ସନ୍ନିକଟ ଆମ୍ବେଡକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂହ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମ୍‌ସି କମିଶନର କିରନଦୀପ କୌର ସହୋତା, ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବାବାସାହେବଙ୍କୁ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ଓ ଜଣେ ସମାଜ ସଂସ୍କାରକ ତଥା ଆଇନବିତ୍ ଭାବେ ଅତିଥିମାନେ ବର୍ଣ୍ଣନା କରିଥିଲେ। ଏହି ଅବସରରେ କର୍ପୋରେଟର ଆରତୀ ସାହୁଙ୍କ ସମେତ ବହୁ ସାମାଜିକ କର୍ମୀ, ରାଜନେତା, ଆଇନଜୀବୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟାସଦସ୍ୟମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ହାଇକୋର୍ଟ ସନ୍ନିକଟ ଆମ୍ବେଡକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।

**କଟକ,(ଶିଳ୍ପା ପ୍ରିୟଦର୍ଶିନୀ):** କଟକ ନଗର (ଜିଲା) କଂଗ୍ରେସ ପକ୍ଷରୁ ବାବା ସାହେବ ଭୀମ ରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଲାଲବାଗ ଅଞ୍ଚଳରେ ଥିବା ଆମ୍ବେଡକରଙ୍କ ମୂର୍ତ୍ତିରେ ସଭାପତି ସାନ୍ତାୟନ ମିଶ୍ରଙ୍କ ନେତୃତ୍ୱରେ କର୍ମୀମାନେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଓ ଜାତି ଭେଦ ବିରୋଧ ଏବଂ ଦଳିତ ପଛୁଆ ବର୍ଗଙ୍କ ଅଧିକାର ପାଇଁ ସେ ଆଜୀବନ ଲଢ଼ିଥିଲେ। ତାଙ୍କୁ ଭାରତୀୟ ସମ୍ବିଧାନର ଜନକ ବୋଲି ମଧ୍ୟ କୁହାଯାଏ, ତାଙ୍କ ଆଦର୍ଶରେ ଅନୁପ୍ରେରିତ ହୋଇ ଆଜିର ଯୁବପିଢ଼ି କାର୍ଯ୍ୟ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରବି ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ନଗର କଂଗ୍ରେସର ପୂର୍ବତନ ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକ, ବିଶ୍ୱନାଥ ଶତପଥୀ, ପୂର୍ବତନ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ପିସିସି ମିଡିଆ ପାନେଲିଷ୍ଟ ଅମ୍ରିତା ଦାସ, ପିସିସି ଓବିସି ସେଲର ପୂର୍ବତନ ଉପାଧ୍ୟକ୍ଷ ଜଗନ୍ନାଥ ସାହୁ, କଟକ ନଗର (ଜିଲା) କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ପିସିସିର ପୂର୍ବତନ ସାଧାରଣ ସମ୍ପାଦିକା ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ସମ୍ପାଦକ ବରଦା ସାହୁ, ଆଇନଜୀବୀ ବିଶ୍ୱରଞ୍ଜନ ମହାରଥା ପ୍ରମୁଖ ଉପସ୍ଥିତ ଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଚୌଦ୍ୱାର ମଣ୍ଡଳ ଭାଜପା ପକ୍ଷରୁ ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ମମତା ବେହେରାଙ୍କ ପୌରୋହିତ୍ୟରେ ପୌରପାଳିକା ୧୭ନଂ. ୱାର୍ଡ ସୁଇପର କଲୋନୀରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ପୂର୍ବତନ ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା ପ୍ରମୁଖ ଆମ୍ବେଦକରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସୁଇପର କଲୋନୀ ସାହି ମୁରବି ଗେଡୁ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌତମ ସାହୁ, କ୍ରିଷ୍ଣା ରାଓ, ବସନ୍ତ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଓ ସାହି ବାସିନ୍ଦା ଯୋଗଦେଇଥିଲେ।

# 'ଭାରତରେ ବିବିଧତାର ପ୍ରକୃତ ସ୍ୱରୂପ ପ୍ରତିଫଳିତ ହୁଏ'

## ଲୋକ ଭବନରେ ଓଡ଼ିଆ ନବବର୍ଷ ଓ ହିମାଚଳ ପ୍ରଦେଶ ଗଠନ ଦିବସ ପାଳିତ

**ଭୁବନେଶ୍ୱର,୧୪।୪(ସୁଚିସ୍ମିତା ସାହୁ)**

ଗୋଟିଏ ରାଜ୍ୟରେ ଅନ୍ୟ ରାଜ୍ୟର ପର୍ବ ପାଳନ ଜାତୀୟ ଏକତାକୁ ମଜଭୁତ କରେ। ଯେତେବେଳେ ଆମେ ଅନ୍ୟ ରାଜ୍ୟର ପର୍ବ ପାଳନ କରୁ, ସେତେବେଳେ ଆମେ ଏକ ଜାତି ଭାବେ ଆମକୁ ଏକତ୍ରିତ କରୁଥିବା ବନ୍ଧନକୁ ସୁଦୃଢ଼ କରୁ। ଭାରତରେ ବିବିଧତାର ପ୍ରକୃତ ସ୍ୱରୂପ ପ୍ରତିଫଳିତ ହୁଏ। ଯେଉଁଠାରେ ବିବିଧତା ଆମର ସାମୂହିକ ପରିଚୟକୁ ଶକ୍ତିଶାଳୀ କରିବା ସହ ଆମକୁ ଏକ୍ ହୋଇ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି। ମଙ୍ଗଳବାର ଲୋକ ଭବନର ନ୍ୟୁ ଅଭିଷେକ ହଲ୍‌ରେ ଓଡ଼ିଆ ନବବର୍ଷ (ପଣାସଂକ୍ରାନ୍ତି) ଓ ହିମାଚଳ ପ୍ରଦେଶ ଗଠନ ଦିବସ ସହ ବିହୁ(ଆସାମ), ବିଶୁ(କେରଳ), ପୁଥଣ୍ଡୁ(ତାମିଲନାଡୁ), ପୋଇଲା ବୈଶାଖ(ପଶ୍ଚିମବଙ୍ଗ) ଏବଂ ବୈଶାଖୀ(ପଞ୍ଜାବ) ପାଳନ କରାଯାଇଛି। ଏହି ସମାରୋହରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍‌ପାଟି ଉପସ୍ଥିତ ଥିଲେ।

ଓଡ଼ିଶା, ହିମାଚଳ ପ୍ରଦେଶ, ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ପଞ୍ଜାବର ଜନସାଧାରଣଙ୍କୁ ସେମାନଙ୍କ ଆଞ୍ଚଳିକ ପର୍ବପର୍ବାଣି ପାଳନ ଅବସରରେ ରାଜ୍ୟପାଳ ଶୁଭେଚ୍ଛା ଜଣାଇଛନ୍ତି। ପଣା ସଂକ୍ରାନ୍ତିଠାରୁ ପାରମ୍ପରିକ ଓଡ଼ିଆ ନବବର୍ଷର ଆରମ୍ଭ ହୁଏ। ଏହି ପର୍ବ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରେ। ପଣା ପ୍ରସ୍ତୁତକରି ବଣ୍ଟନ କରିବାର ପରମ୍ପରା କରୁଣା, ଉଦାରତା ଏବଂ ଏକତାର ପ୍ରତୀକ, ଯାହା ଆଚାର-ବିଚାର, ଦାନଧର୍ମ, ସେବା ଏବଂ ସହାନୁଭୂତିର ମୂଲ୍ୟବୋଧକୁ ପ୍ରତିଫଳିତ କରେ। ସେହିପରି ହିମାଚଳ ପ୍ରଦେଶ ଗଠନ ଦିବସ ପ୍ରସଙ୍ଗରେ ରାଜ୍ୟପାଳ କହିଥିଲେ, ଏହି ରାଜ୍ୟ ଏକତା ଓ ସ୍ଥିରତାର ପ୍ରତୀକ। ଏହି ରାଜ୍ୟରେ କଳା ଓ ସଂସ୍କୃତିର ସମୃଦ୍ଧ ପରମ୍ପରା ରହିଛି। ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକ ଦୃଢ଼ ବନ୍ଧନ ଓ ପାରସ୍ପରିକ ବୁଝାମଣାକୁ ପ୍ରୋତ୍ସାହିତ କରେ। ବିହୁ, ବିଶୁ, ପୁଥଣ୍ଡୁ, ପୋଇଲା ବୈଶାଖ ଏବଂ ବୈଶାଖୀ ଭଳି ପର୍ବଗୁଡ଼ିକ ବିଭିନ୍ନ ଅଞ୍ଚଳରେ ପାଳିତ ହେଉଥିଲେ ମଧ୍ୟ ସେଥିରେ ଆଶା, କୃତଜ୍ଞତା ଏବଂ ନବୀକରଣର ଏକ ସାଧାରଣ ବାର୍ତ୍ତା ରହିଛି, ଯାହା ଜାତୀୟ ଏକତାର ଭାବନାକୁ ଦୃଢ଼ କରେ ବୋଲି ରାଜ୍ୟପାଳ କହିଥିଲେ।


କଳାକାରଙ୍କ ସହ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଏବଂ ସହଧର୍ମିଣୀ ଜୟଶ୍ରୀ କମ୍ଭମ୍‌ପାଟି।

ଏହି କାର୍ଯ୍ୟକ୍ରମରେ ଗୀତିକାର ଦେବଦାସ ଛୋଟରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ରାଜ୍ୟର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ରାଜ୍ୟପାଳ ଓ ତାଙ୍କ ସହଧର୍ମିଣୀ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବି.ଆର୍. ଆମ୍ବେଡ୍‌କରଙ୍କ ୧୩୬ତମ ଜୟନ୍ତୀ ଅବସରରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଡ. ଆମ୍ବେଡ୍‌କର ଥିଲେ ଜଣେ ଦୂରଦ୍ରଷ୍ଟା, ଯିଏ ନ୍ୟାୟ, ସମାନତା ଏବଂ ମାନବୀୟ ମର୍ଯ୍ୟାଦାର ଆଦର୍ଶ ପାଇଁ ଜୀବନ ଉତ୍ସର୍ଗ କରିଥିଲେ। ଡ. ଆମ୍ବେଡ୍‌କରଙ୍କ ଆଦର୍ଶ ଏକ ସମାବେଶୀ ଏବଂ ନ୍ୟାୟପୂର୍ଣ୍ଣ ସମାଜ ଗଠନ ଦିଗରେ ଦେଶକୁ ପଥ ପ୍ରଦର୍ଶନ କରୁଛି ବୋଲି ରାଜ୍ୟପାଳ କହିଥିଲେ।



ଭୁବନେଶ୍ୱର ଓୟୁଏଟି ସମ୍ମିଳନୀ କକ୍ଷରେ ମଙ୍ଗଳବାର ଓଡ଼ିଆ ପକ୍ଷ ପାଳନର ଉଦ୍‌ଯାପନୀ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଂଶୀବାଦନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ।

## ନୂଆ ରତ୍ନପଲଙ୍କରେ ନିଦ୍ରା ଗଲେ ମହାପ୍ରଭୁ

**ପୁରୀ,୧୪।୪(ଅଜିତ୍ କୁମାର ମହାନ୍ତି)**

ଓଡ଼ିଆ ନୂଆବର୍ଷରୁ ନୂଆ ଗଜଦନ୍ତ ରତ୍ନପଲଙ୍କରେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ନିଦ୍ରା ଯାଇଛନ୍ତି। ଶ୍ରୀବିଗ୍ରହଙ୍କ ରତ୍ନପଲଙ୍କ ପୁରୁଣା ହୋଇଯାଇଥିବା ହେତୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂତନ ଭାବରେ ରତ୍ନ ପଲଙ୍କ ନିର୍ମାଣ କରାଯାଇଥିଲା। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତିରେ ନୂଆ ରତ୍ନପଲଙ୍କ ମହାପ୍ରଭୁଙ୍କ ସେବାରେ ଲାଗିଛି। ସକାଳ ଧୂପ ପରେ କ୍ଷୟ ହୋଇଥିବା ପଲଙ୍କ ବଦଳରେ ପ୍ରସ୍ତୁତ ନୂଆ ପଲଙ୍କର ପୂଜା ସଂସ୍କାର କରାଯାଇଥିଲା।

ସୂଚନା ମୁତାବକ, ମହାପ୍ରଭୁଙ୍କ ନୂଆ ପଲଙ୍କ ପାଇଁ ପ୍ରାୟ ୩ ବର୍ଷ ତଳୁ ନୂଆ ରତ୍ନ ପଲଙ୍କ କାର୍ଯ୍ୟ ଆରମ୍ଭ ହୋଇଥିଲା। ରୁପା ଛାଉଣି ହୋଇ ତିନି ସେଟ୍ ନୂଆ ପଲଙ୍କ ପ୍ରସ୍ତୁତ ହୋଇଛି। ଏହି ନୂଆ ରତ୍ନପଲଙ୍କ ପୁରୁଣା ପଲଙ୍କ ଢାଞ୍ଚାରେ ପ୍ରସ୍ତୁତ ହୋଇଥିବା ବେଳେ ପୁରୁଣା ଗଜଦନ୍ତ ବି ନୂଆ ପଲଙ୍କରେ ବ୍ୟବହୃତ ହୋଇଛି। ବର୍ମାଟିକ କାଠରେ ନୂଆ ପଲଙ୍କର ଫ୍ରେମ୍ ପ୍ରସ୍ତୁତ ହୋଇଛି। ପୁରୁଣା ପଲଙ୍କଙ୍କୁ ଶ୍ରୀମନ୍ଦିର ଭିତରେ ନୀଳାଦ୍ରି ମ୍ୟୁଜିୟମରେ ରଖିବାକୁ ପ୍ରାରମ୍ଭିକ ନିଷ୍ପତ୍ତି ହୋଇଛି। ଓଡ଼ିଆ ନୂଆବର୍ଷରୁ ମହାପ୍ରଭୁ ଏହି ନୂଆ ପଲଙ୍କରେ ନିଦ୍ରା ଯିବା ପାଇଁ ପୂଜାପଣ୍ଡା ସେବକଙ୍କ ଦ୍ୱାରା ପୂଜା ସଂସ୍କାର ଆଦି ନୀତି ସମ୍ପନ୍ନ କରାଯାଇଥିଲା।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଗୋବିନ୍ଦା

**ପୁରୀ,୧୪।୪(ଅଜିତ୍ କୁମାର ମହାନ୍ତି)**

ହିନ୍ଦୀ ଚଳଚ୍ଚିତ୍ରର ସୁପରଷ୍ଟାର ଗୋବିନ୍ଦା ମଙ୍ଗଳବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଗୋବିନ୍ଦା ମଙ୍ଗଳବାର ପୂର୍ବାହ୍ନରେ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ଗୋବିନ୍ଦା ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କ ଦର୍ଶନ କରି ବାଇଶ ପାହାଚ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ରତ୍ନସିଂହାସନରୂଢ଼ ଶ୍ରୀବିଗ୍ରହଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ। ପରେ ଶ୍ରୀମନ୍ଦିର ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରିଥିଲେ। ମହାପ୍ରଭୁଙ୍କ କୃପାରୁ ଆଜିପର୍ଯ୍ୟନ୍ତ କୌଣସି ଅସୁବିଧା ହୋଇନାହିଁ। ଯେତେବେଳେ ଯାହା ହୁଏ ମହାପ୍ରଭୁଙ୍କ କୃପାରେ ଭଲରେ ହୋଇଥାଏ ବୋଲି ଗୋବିନ୍ଦା କହିଛନ୍ତି।


ପୁରୀ ଗସ୍ତରେ ଆସିଥିବା ବଲିଉଡ୍ ଅଭିନେତା ଗୋବିନ୍ଦା।

## ଗାଁ ଯାତ୍ରାରେ ସାମାଜିକ କର୍ମୀଙ୍କୁ ଗୋଡ଼ାଇ ହାଣିଲେ

- ଥାନାରେ ଅଭିଯୋଗ ପରେ ବି ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ
- ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ

**ଭୁବନେଶ୍ୱର,୧୪।୪(ତ୍ରିନାଥ ମହାନ୍ତି)**

ଗାଁରେ ଯାତ୍ରା ଚାଲିଥିବା ସମୟରେ ଜଣେ ସାମାଜିକ କର୍ମୀଙ୍କୁ ଚାପଡ଼ରେ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି ଅଭିଯୁକ୍ତ। ଏଭଳି ଘଟଣା ଚନ୍ଦକା ଥାନା ଅନ୍ଧାରୁଆ ଗ୍ରାମରେ ଦେଖିବାକୁ ମିଳିଛି। ଚାପଡ଼ ଚୋଟରେ ରାଜେଶ ସ୍ୱାଇଁ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ବେକ ଏବଂ କାନରେ ଗଭୀର ଆଘାତ ଲାଗିଛି। ଏନେଇ ଆହତ ରାଜେଶଙ୍କ ଭାଇ ବିକାଶ ସ୍ୱାଇଁ ଚନ୍ଦକା ଥାନାରେ ଗତ ୧୨ ତାରିଖରୁ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ବସି ପଡ଼ିଛି।

ଅଭିଯୋଗ ଅନୁସାରେ, ରାଜେଶ ଅନ୍ଧାରୁଆରେ ବିଭିନ୍ନ ସମୟରେ ସମାଜସେବା କାମ କରନ୍ତି। ବର୍ଷେ ତଳେ ବିକାଶଙ୍କ ସହିତ ଦୀପକ ସ୍ୱାଇଁଙ୍କ ଶତ୍ରୁତା ରହିଥିଲା। ସାମାନ୍ୟ କଥାକୁ କେନ୍ଦ୍ରକରି ଦୀପକ ତାଙ୍କୁ ମାଡ଼ ମାରିଥିଲେ। ଗତ ୧୦ତାରିଖରେ ରାଜେଶ ଗାଁରେ ଚାଲିଥିବା ବାର୍ଷିକ ଉତ୍ସବରେ ଯାତ୍ରା ହେଉଥିବାରୁ ସେ ଯାତ୍ରା ମଞ୍ଚ ଆଗରେ ବସି ଦେଖୁଥିଲେ। ରାତି ପ୍ରାୟ ୧୨ଟା ସମୟରେ ଅଭିଯୁକ୍ତ ଦୀପକ ଏକ ଚାପଡ଼ ନେଇ ଯାତ୍ରା ଭିଡ଼ ଭିତରକୁ ପଶିଥିଲେ। ରାଜେଶ ବସିଥିବା ସ୍ଥାନ ନିକଟକୁ ଯାଇ ଚାପଡ଼ରେ ତାଙ୍କ ବେକକୁ ଏକ ଚୋଟ ପକାଇଥିଲେ। ରାଜେଶ ବୁଲି ଦେଖିବା ପୂର୍ବରୁ ଅଭିଯୁକ୍ତ ଦୀପକ ଏକାଧିକ ଚୋଟ ପକାଇଥିଲେ। ସେ ତଳେ ପଡ଼ିଯିବା ପରେ ଅଭିଯୁକ୍ତ ଦୀପକ ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ଭାଇ ବିକାଶ ପହଞ୍ଚି ରାଜେଶଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ବିକାଶ ଚନ୍ଦକା ଥାନାରେ ଗତ ୧୨ ତାରିଖରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କେବଳ ମାମଲା ରୁଜୁ କରି ବସିପଡ଼ିଛି। ଅଭିଯୁକ୍ତ ଜଣେ ପେସାଦାର ଅପରାଧୀ ବୋଲି ପୋଲିସ ଜାଣିଛି। ତାଙ୍କ ନାମରେ ହତ୍ୟା ଉଦ୍ୟମ, ଲୁଟ୍ ଭଳି ସଙ୍ଗିନ ମାମଲା ରହିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।


ଆହତ ରାଜେଶ

## କିଟ୍‌ରେ ଓଡ଼ିଆ ନବବର୍ଷ ପାଳିଲେ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗୀ

**ଭୁବନେଶ୍ୱର,୧୪।୪(ଅନୁରାଧା ମହାରଣା)**

କିଟ୍ ପରିସରରେ ମଙ୍ଗଳବାର ଓଡ଼ିଆ ନୂଆବର୍ଷ ପାଳିତ ହୋଇଯାଇଛି। ଏଥିରେ ୬୧ତମ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାର ୩୦ ଜଣ ପ୍ରତିଯୋଗୀ ସାମିଲ ହୋଇଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା ଏହି ପ୍ରତିଯୋଗୀମାନେ ଓଡ଼ିଶାର ପ୍ରସିଦ୍ଧ ପାଟଶାଢ଼ି ପିନ୍ଧି ଓଡ଼ିଆ ଖାଦ୍ୟ ସାଙ୍ଗକୁ ଓଡ଼ିଶାର ପାରମ୍ପରିକ ମିଠା ଛେନାପୋଡ଼ର ମଜା ନେଇଥିଲେ। ସୂଚନା ଥାଉକି, ଏପ୍ରିଲ ୧୮ରେ କିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ୬୧ତମ ଫେମିନା ମିସ୍ ଇଣ୍ଡିଆ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୩୦ ଜଣ ରାଜ୍ୟ ବିଜେତା କିଟ୍ କ୍ୟାମ୍ପସରେ ରହୁଛନ୍ତି। ସେମାନଙ୍କ ସହ ସାମିଲ ହୋଇଥିଲେ ଫେମିନା ମିସ୍ ଇଣ୍ଡିଆ-୨୦୨୪ ନିକିତା ପରୱାଲ୍। ଓଡ଼ିଶା ପର୍ଯ୍ୟଟନ ବିଭାଗ ସହମତି କ୍ରମେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ କିଟ୍ ଏବଂ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ପ୍ରତିଯୋଗିତା ଆୟୋଜନ କରିଛନ୍ତି। ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ସୁବନ୍ଦୋବସ୍ତ କରାଯାଇଛି। ଏହାବ୍ୟତୀତ ସେମାନେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅନୁଭବ କରିବା ପାଇଁ ପୁରୀ, କୋଣାର୍କ ସୂର୍ଯ୍ୟମନ୍ଦିର ଏବଂ ଚନ୍ଦ୍ରଭାଗା ବେଳାଭୂମି ମଧ୍ୟ ପରିଦର୍ଶନ କରିବେ। ପୁରୀ ବେଳାଭୂମି ଓ ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିରରେ ସେମାନେ ହେରିଟେଜ୍ ୱାକ୍ କରିବେ।



କିଟ୍ ପରିସରରେ ମଙ୍ଗଳବାର ଓଡ଼ିଆ ନୂଆବର୍ଷ ପାଳନ ଅବସରରେ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗୀ।

# ମନ ମୋହିଲା ନୃତ୍ୟ, ସଙ୍ଗୀତ

## ରାଜଧାନୀ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ

**ଭୁବନେଶ୍ୱର,୧୪।୪(ବନ୍ଦନା ସେଠୀ)**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଦୁଇଦିନିଆ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉତ୍କଳ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମର ଶେଷସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଭୁବନେଶ୍ୱର ଉପଜିଲାପାଳ ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜଧାନୀ ଭୁବନେଶ୍ୱରକୁ ସ୍ୱଚ୍ଛ ସହର ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସେ ସମସ୍ତ ନାଗରିକଙ୍କ ସହଯୋଗ କାମନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଯୋଗଦେଇ ଭୁବନେଶ୍ୱର ମହାନଗର ନିଗମ ଆନୁକୂଲ୍ୟରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଆୟୋଜନ ଓ ସମସ୍ତ ସହଯୋଗକୁ ପ୍ରଶଂସା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ, ପୂର୍ତ୍ତ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆଦି ବିଭିନ୍ନ ବିଭାଗ ଓ ସଂସ୍ଥାଗୁଡ଼ିକର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ମିଡିଆ ଫେଡେରେଶନର ଉପଦେଷ୍ଟା ଗୌରଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ମଳୟ କୁମାର ବେହେରା, ଶୁଭଙ୍କର କୁମାର ଏବଂ ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଗଞ୍ଜାମର ପଶୁ ମୁଖା ନୃତ୍ୟ, ମୟୂରଭଞ୍ଜ, କରଞ୍ଜିଆର ପଲ୍ଲବୀ ନାଟ୍ୟ ସଂସ୍ଥା ପକ୍ଷରୁ ମାଲଖମ୍ଭ, ସୁବାସ ଦାସ ଏବଂ ସାଥିଙ୍କ ଦ୍ୱାରା ଭଜନ ଓ ଲଘୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ବାସୁଦେବ ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଉଦ୍‌ଯାପନୀ ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୁନୀତା


@ ଦୀପକ


@ ପୂଜା


@ ଶଶିକାନ୍ତ


@ ରାହୁଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

